ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୮ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 JUNE 2025

Vol.No. 36 ■ No.169 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net

ଭକ୍ତି ଓ ଭାବରେ ଭିଜିଲା ବଡ଼ଦାଣ୍ଡ

ଭାଇଭଉଣୀଙ୍କୁ ଧରି ଜନ୍ମବେଦୀ ଅଭିମୁଖେ କାଳିଆ

- ବଳଗଣ୍ଡିରେ ତାଳଧ୍ୱଜ ଓ ମରିଚିକୁଣ୍ଡରେ ଅଟକିଲେ ଦର୍ପଦଳନ
- ସିଂହଦ୍ୱାର ସମ୍ମୁଖରେ ଅଟକିଲା ନନ୍ଦିଘୋଷ
- ଆଜି ସକାଳ ୯ଟା ୩୦ରେ ଟଣାଢ଼େବ ରଥ

ପୁରୀ, ୨୭/୬ (ନି.ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ବହୁ ପ୍ରସ୍ତୁତି, ବୈଠକ ଓ ଉଚ୍ଚସ୍ତରୀୟ ସମୀକ୍ଷା ଆଦି ହେଲା । କିନ୍ତୁ ଶେଷରେ ଭିଡ଼କୁ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ଫେଲ୍ ମାରିଲା । ପ୍ରବଳ ଭିଡ଼ ଯୋଗୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ' ରଥ ରାତି ସାଢ଼େ ୭ଟା ପର୍ଯ୍ୟନ୍ତ ଗଡ଼ି ପାରିଲା ନାହିଁ । ଶେଷରେ ଶ୍ରୀମନ୍ଦିର ପ୍ରଶାସନ ପରମ୍ପରା ରଖିବା ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ରଥକୁ ମାତ୍ର ଖୋଜେ ଗଡ଼ାଇ ବିଧିସମ୍ମନ୍ନ କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ ରଥ'ର କର୍ଡ଼ନ ଭିତରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଓ ଭିଡ଼ ନିୟନ୍ତ୍ରଣରେ ପୁଲିସର ବିଫଳତା ଯୋଗୁ ରଥଟଣା ସମ୍ଭବ ହୋଇପାରିନଥିବାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୂଚନା ଅନୁସାରେ, ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ସକାଳ ସାଢ଼େ ୧୦ଟାରୁ ଆରମ୍ଭ ହେବାକୁ ଥିବା ପହଣ୍ଡି ରୀତି ଏକ ଘଂଟା ବିଳମ୍ବରେ ଆରମ୍ଭ ହୋଇ ପ୍ରାୟ ଦୁଇ ଘଂଟାରୁ ଅଧିକ ସମୟ ଧରି ଚାଲିଥିଲା । ଏହାପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ରୀତି ସଂପନ୍ନ କରିଥିଲେ । ପରେ ଅପରାହ୍ନ ପ୍ରାୟ ୪:୧୦ରେ ରଥଟଣା ଆରମ୍ଭ ହୋଇଥିଲା । ମହାପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ହୋଇଥିଲେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରେ ସେଭଳି ଅଟକି ରହିଥିଲା । ରାତି ପ୍ରାୟ ସାଢ଼େ ୭ଟା ପର୍ଯ୍ୟନ୍ତ ରଥକୁ ଟାଣିବା ପାଇଁ ପ୍ରଶାସନ ସବୁ ପ୍ରକାରର ପ୍ରୟାସ କରି ବିଫଳ ହୋଇଥିଲା । ଶେଷରେ ୭ଟା ୪୫ମିନିଟ୍ ବେଳକୁ ନନ୍ଦିଘୋଷ ରଥକୁ ସାମାନ୍ୟ ଖୋଜେ ଟାଣି ସେହିଠାରେ ରଖି ଦିଆଯାଇ ବିଧିସମ୍ମନ୍ନ କରାଯାଇଥିଲା । ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖିବାକୁ ମିଳିଛି। ରଥଯାତ୍ରା ପାଇଁ ରୀତିନୀତି ଠିକ୍ ସମୟରେ ଅନୁଷ୍ଠିତ ହୋଇଥିଲେ ମଧ୍ୟ ନନ୍ଦିଘୋଷ ରଥ ଟଣା ନଯିବା ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି । ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ନହୋଇପାରିବା ପ୍ରସଙ୍ଗରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ନନ୍ଦିଘୋଷ ରଥ କର୍ଡନ ଭିତରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ଯୋଗୁ ରଥଟଣାରେ ବିଳମ୍ବ ହେଉଛି । ପୁଲିସ ସେମାନଙ୍କୁ ବାହାର କରିବା ପରେ ହିଁ ରଥଟଣା କାର୍ଯ୍ୟ ହେବ । ତେବେ ୭ଟା ୪୫ମିନିଟରେ ନନ୍ଦିଘୋଷ ରଥ ଖୋଜେ ଟଣାଯାଇ ବିଧିସମ୍ମନ୍ନ କରାଯିବା ପରେ ରଥଟଣା ବନ୍ଦ ରହିଥିଲା । ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଚଳିତଥର ରଥଯାତ୍ରାରେ ଭକ୍ତମାନଙ୍କର ସମାଗମ ବିପୁଳ ସଂଖ୍ୟାରେ ହୋଇଛି । ପୂର୍ବଥର ତୁଳନାରେ ପ୍ରାୟ ଦେଢ଼ଗୁଣ ଅଧିକ ହୋଇଛି । ଆକଳନଠୁ ଅଧିକ ଭକ୍ତ ଏଥର ରଥଯାତ୍ରାକୁ ଆସିଛନ୍ତି । ମାତ୍ର କୌଣସି ପ୍ରକାରର ବଡ଼ ଅଘଟଣ ଚଳିତ ରଥଯାତ୍ରାରେ ହୋଇନି । ବିଧି ଅନୁସାରେ ନନ୍ଦିଘୋଷ ରଥ ଅଳ୍ପ ବାଟ ଟଣା ହୋଇଛି । ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ମଧ୍ୟରେ ଆଲୋଚନା ପରେ ଆସନ୍ତାକାଲି କେତେବେଳେ ରଥ ଟଣା ହେବ ତା'ର ନିଷ୍ପତ୍ତି ନିଆଯିବ। ନୀତିକାନ୍ତି ସବୁ ଠିକ୍ ସମୟରେ ହୋଇଛି । ମହାପ୍ରଭୁ ବଳଭଦ୍ରଙ୍କ ରଥଟଣାବେଳେ ବାରମ୍ବାର ମୋଡ଼ ହେବାରୁ ଅନ୍ୟ ରଥଟଣାରେ ବିଳମ୍ବ ହୋଇଥିଲା । ରାତ୍ରିରେ ରଥଟଣା ଯିବା କୌଣସି ନୂଆ କଥା ନୁହେଁ । ପୂର୍ବରୁ ଲାଇଟ୍ ଲଗାଇ ରଥ ଟଣା ଯାଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

▶▶ପୃଷ୍ଠା ୭

ବିଇଡି ନାମଲେଖା ପରୀକ୍ଷାରେ ବଡ କେଳେଙ୍କାରୀ ଅଭିଯୋଗ

ଭୁବନେଶ୍ୱର, ୨୭/୬ (ନି.ପ୍ର): ପରୀକ୍ଷା ଫଳରେ ଅନିୟମିତତା ପରେ ସ୍ଥଗିତ ରହିଲା ବିଇଡି ଆଡମିଶନ। ସାମୟିକ ପାଇଁ ବିଇଡି, ବିଏଚଇଡି ଏବଂ ଏମଏଡ଼ ଆଡ଼ମିସନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି । ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରୀ କରାଯାଇଛି । ସାମସ୍ ଅଧିନରେ ୨୦୨୫-୨୬ ପ୍ରବେଶିକା ପରୀକ୍ଷା ଫଳରେ ତ୍ରୁଟି ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ ଆଣିବା ପରେ ନାମଲେଖା ପ୍ରକ୍ରିୟାକୁ ସ୍ଥଗିତ ରଖିଛି ଉଚ୍ଚଶିକ୍ଷା ବିଭାଗ । ଅଭିଯୋଗ ଅଧାରରେ ବିଶେଷଜ୍ଞ କମିଟି ଦ୍ୱାରା ଉତ୍ତର ପତ୍ରକୁ ପୁଣି ଥରେ ଯାଞ୍ଚ କରିବାକୁ ଷ୍ଟେଟ ସିଲେକ୍ସନ ବୋର୍ଡ (ଏସଏସବି) ନିର୍ଦ୍ଦେଶ ଦେଇଛି । ତେବେ ନୂଆ ଆଡମିଶନ ତାରିଖ ନେଇ ସାମସ୍ ପୋର୍ଟାଲରେ ସୂଚିତ କରାଯିବ ବୋଲି

▶▶ପୃଷ୍ଠା ୭

୧୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ଜଣେ ଗିରଫ

ସୋର: ବାଲେଶ୍ୱର ଜିଲ୍ଲା ସୋର ଅବକାରୀ ପକ୍ଷରୁ ଚଢ଼ଉ କରାଯାଇ ୧୨ ଲକ୍ଷର ବ୍ରାଉନସୁଗାର ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୁଚନା ଅନୁସାରେ ସୋର ପୌରାଞ୍ଚଳ ଚକବାରାପୁର ଗ୍ରାମର ଶେଖ ରାଜୀବ ଦୀର୍ଘଦିନ ଧରି ସୋରର ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗାର ବ୍ୟବସାୟ ଚଳାଉଥିଲେ। ଖବର ପାଇ ସୋର ଅବକାରୀ ଥାନାଧିକାରୀ ସୁରଜ କୁମାର ଟିଗା ଗ୍ରାହକ ବେଶରେ ଯାଇ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୨୫ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲେ। ଆଜି ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜବତ ବ୍ରାଉନସୁଗାରର ମୂଲ୍ୟ ୧୨ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବର୍ଷାରେ ପାହାଡ ଧସି ବଣ୍ଡାଘାଟି ରାସ୍ତା ଅବରୋଧ

ଭୁବନେଶ୍ୱର, ୨୭/୬ (ନି.ପ୍ର): ବଣ୍ଡାଘାଟିରେ ଆଜିକୁ ଚାରି ଦିନ ଧରି ବର୍ଷା ଲାଗି ରହିଛି । ବର୍ଷା ପାଣିରେ ପାହାଡ ଧସି ବଡ ବଡ ପଥର ରାସ୍ତାରେ ଖସିବା ସହିତ ଗଛ ପଡି ବଣ୍ଡାଘାଟି ରାସ୍ତା ଅବରୋଧ ହୋଇଯାଇଛି । ଯାହା ଫଳରେ ଯାତାୟାତ ୦ପ ହୋଇଯାଇଛି । ବଣ୍ଡା ଘାଟିର ଦୁଇଟି ପଞ୍ଚାୟତର ଲୋକେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

୩୦ରେ ଲଘୁଚାପ: ୬ ଜିଲ୍ଲାକୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୭/୬ (ନି.ପ୍ର): ରାଜ୍ୟରେ ଗତ କିଛିଦିନ ଧରି ବର୍ଷା ଜାରି ରହିଥିବାବେଳେ ଶୁକ୍ରବାର ମଧ୍ୟ ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ତେବେ ୨୯ ତାରିଖ ବେଳକୁ ଉତ୍ତର-ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଘନୀଭୂତ ହୋଇ ୩୦ ତାରିଖ ବେଳକୁ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ଆଞ୍ଚଳିକ

ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ଭଦ୍ରକରେ ୧୭.୨ ମିମି, ଭବାନୀ ପାଟଣାରେ ୧୩,୨ ମିମି, ଦାରିଙ୍ଗିବାଡ଼ିରେ ୧୨.୦ ମିମି, ଚାନ୍ଦବାଲିରେ ୮.୯ ମିମି ଏବଂ ଯାଜପୁରରେ ୮.୦ ମିମି ବର୍ଷା ରେକର୍ଡ ହୋଇଛି।

▶▶ପୃଷ୍ଠା ୭

କୋଲକାତାରେ ଆଇନ ଛାତ୍ରୀଙ୍କୁ କ୍ୟାମ୍ପସ ଭିତରେ ଗଣଦୁଷ୍କର୍ମ, ୩ ଗିରଫ

ନୂଆଦିଲ୍ଲୀ,୨୭/୬ : କୋଲକାତାରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ । ବହୁ ଚର୍ଚ୍ଚିତ ଆରଜି କର୍ ମେଡିକାଲ୍ କଲେଜ ଦୁଷ୍କର୍ମ ମାମଲା ପରେ କୋଲକାତାରୁ ପୁଣି ଏକ ମାମଲା ସାମ୍ନାକୁ ଆସିଛି । ଲ' କଲେଜ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ଆସିଛି । ଏହି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କଲେଜ କ୍ୟାମ୍ପସ୍ ଭିତରେ ହିଁ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି ଛାତ୍ରୀ । ସୂଚନା ଅନୁସାରେ, କସବା ଲ' କଲେଜରେ ଗତ ବୁଧବାର ରାତି ୭.୩୦-୮.୩୦ରେ ଏହି ଘଟଣା ଘଟିଛି ।

ଅଭିଯୋଗ ଆଧାରରେ ଗିରଫ ହୋଇଛନ୍ତି ୩ ଅଭିଯୁକ୍ତ । ସେମାନଙ୍କ ମଧ୍ୟରୁ ଦୁଇ ଜଣ ସେହି କଲେଜର ଛାତ୍ର ହୋଇଥିବାବେଳେ ଅନ୍ୟ ଜଣେ ପୁରାତନ ଛାତ୍ର । ଏଯାଏଁ ମନରୁ ଲିଭିନି ଆର ଜି କର ଘଟଣା । ଜଣେ ଛାତ୍ରୀଙ୍କୁ କସବା ଲ' କଲେଜରେ ଗଣଦୁଷ୍କର୍ମ ହୋଇଛି । କୋଲକାତା ମହିଳାମାନଙ୍କ ପାଇଁ ଆଦୌ ସୁରକ୍ଷିତ ନୁହେଁ ।

▶▶ପୃଷ୍ଠା ୭

ଗାଜାରେ ରାଜ୍ କରିବ ଇସ୍ରାଏଲ୍:

ନେତାନ୍ୟାହୁ-ଟ୍ରମ୍ପଙ୍କ ମିଳିତ ନିଷ୍ପତ୍ତି

ନୂଆଦିଲ୍ଲୀ,୨୭/୬ : ମଧ୍ୟପ୍ରାଚ୍ୟରେ ଆଉ ଏକ ଯୁଦ୍ଧ ବିରାମ ହେବାକୁ ଯାଉଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଗାଜା ଯୁଦ୍ଧ ଶେଷ କରିବାକୁ ରାଜି ହୋଇଛନ୍ତି । ବେଞ୍ଜାମିନ ନେତାନ୍ୟାହୁ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ଯୁଦ୍ଧ ଯଥାଶୀଘ୍ର ସମାପ୍ତ କରିବାକୁ ଏବଂ ଆବ୍ରାହମ ଚୁକ୍ତିକୁ ବିସ୍ତାର କରିବାକୁ ରାଜି ହୋଇଛନ୍ତି। ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଗାଜାରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧ ଦୁଇ ସପ୍ତାହ ମଧ୍ୟରେ ଶେଷ କରିବା ନେଇ ଟ୍ରମ୍ପ ଏବଂ ନେତାନ୍ୟାହୁ ନିଷ୍ପତ୍ତି ନେଇଛନ୍ତି । ରିପୋର୍ଟରେ ଦାବି କରାଯାଇଛି ଯେ ୟୁଏଇ ଏବଂ ଇଜିପ୍ଟର ସମର୍ଥନରେ ଇସ୍ରାଏଲ ନେତୃତ୍ୱରେ ଗାଜାରେ ଏକ

ସରକାର ପରିଚାଳିତ ହେବ । ଅର୍ଥାତ୍ ଗାଜାରେ ଏକପ୍ରକାର ଇଜ୍ରାଏଲ୍ ଶାସନ ଚାଲିବ । ହମାସ ଗୋଷ୍ଠୀକୁ ଦେଶରୁ ବିତାଡିତ କରାଯିବ ଏବଂ ସମସ୍ତ ବନ୍ଧକଙ୍କୁ ମୁକ୍ତ କରାଯିବ । କିନ୍ତୁ ଅନ୍ୟପଟେ, ଆରବ ଦେଶଗୁଡ଼ିକ ବାରମ୍ବାର ଜୋର ଦେଇଛନ୍ତି ଯେ ଦୁଇ-ରାଷ୍ଟ୍ର ସମାଧାନର ଅଂଶ ଭାବରେ ପାଲେଷ୍ଟାଇନୀ କର୍ତ୍ତୃପକ୍ଷଙ୍କୁ ଗାଜାରେ ସ୍ଥାନ ଦେବା ପାଇଁ ଚୁକ୍ତି ନହେଲେ ସେମାନେ ଗାଜାର ଯୁଦ୍ଧ ପରବର୍ତ୍ତୀ ପୁନର୍ବାସରେ ଅଂଶଗ୍ରହଣ କରିବେ ନାହିଁ । ୭ ଅକ୍ଟୋବର ୨୦୨୩ରେ ହମାସ ଆକ୍ରମଣ ପରେ, ଇସ୍ରାଏଲ ଗାଜାରେ ଏକ ସାମରିକ ଅଭିଯାନ ଆରମ୍ଭ କରିଥିଲା, ଯାହା ୨୦ ମାସରୁ ଅଧିକ ସମୟ ପରେ ମଧ୍ୟ ଜାରି ରହିଛି । ହମାସ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଇସ୍ରାଏଲୀ ସୈନ୍ୟ ଅଭିଯାନରେ ଏପର୍ଯ୍ୟନ୍ତ ଅତି କମ୍‌ରେ ୫୬,୧୫୬ ଜଣଙ୍କର ମୃତ୍ୟୁ ହୋଇଛି ।

ବିହାର ନିର୍ବାଚନ : ବିଜେପିର ଖେଳ ବିଗାଡ଼ିବେ ଚିରାଗ ?

ନୂଆଦିଲ୍ଲୀ,୨୭/୬ : ବିହାର ନିର୍ବାଚନ ଯେତିକି ପାଖଉଛି, ରାଜ୍ୟ ରଜନୀତି ସେତିତି ଗୋଳିଆ ହେବାରେ ଲାଗିଛି । ସବୁକିଛି ଠିକ୍ ଚାଲିଥିବା ମନେହେଉଥିବା ବେଳେ ବର୍ତ୍ତମାନ ଯେଉଁ ଖବର ସାମ୍ନାକୁ ଆସିଛି ତାହା ବିହାର ନିର୍ବାଚନରେ ବିଜେପି ପାଇଁ ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି । ଚିରାଗ ପାସୱାନ ବିଜେପିର ଖେଳ ବିଗାଡି ପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି । ବିହାର ବିଧାନସଭା ନିର୍ବାଚନ ପାଇଁ ଆଉ ବେଶି ସମୟ ନାହିଁ । ଏପରି ପରିସ୍ଥିତିରେ, ମହାଗଠବନ୍ଧନ ଏବଂ ଏନଡିଏ ମଧ୍ୟରେ ଆସନ ବଣ୍ଟନ ନେଇ

ଶୀତଳ ଯୁଦ୍ଧ ଆରମ୍ଭ ହୋଇଯାଇଛି । ମହାଗଠବନ୍ଧନ ନିରନ୍ତର ବୈଠକ କରୁଥିବା ବେଳେ, ଏନଡିଏ ନେତା କିନ୍ତୁ କହୁଛନ୍ତି ଯେ ଆସନ ବଣ୍ଟନରେ କୌଣସି ସମସ୍ୟା ହେବ ନାହିଁ । ଲୋକସଭା ପରି, ଆମେ ଏକାଠି ବସି ବିଧାନସଭାରେ ମଧ୍ୟ ନିଷ୍ପତ୍ତି ନେବୁ। ଏନଡିଏ ନେତାଙ୍କ ଏପରି କଥା ଶୁଣିବା ପରେ ପ୍ରଶ୍ନ ଉଠୁଛି, ଏହା କ'ଣ ଏତେ ସହଜ ହେବ ? ଏହା ଭିନ୍ନ କଥା ଯେ ମେଣ୍ଟରେ ଥିବା ସମସ୍ତ ଦଳ ସର୍ବାଧିକ ସଂଖ୍ୟକ ଆସନ

▶▶ପୃଷ୍ଠା ୭

ପଂଜାବରେ ଗ୍ୟାଙ୍ଗଷ୍ଟର ଜଗ୍ଗୁ ଭଗବାନପୁରିଆର ମା' ଓ ସହଯୋଗୀକୁ ହତ୍ୟା

ଚଣ୍ଡିଗଡ, ୨୭/୬ (ନି.ପ୍ର): ପଞ୍ଜାବର ଗୁରଦାସପୁରରେ ଗତକାଲିରାତିରେ ସଶସ୍ତ୍ର ଯୁବକମାନେ ଗ୍ୟାଙ୍ଗଷ୍ଟର ଜଗ୍ଗୁ ଭଗବାନପୁରିଆର ମା ହରଜିତ କୌର ଏବଂ ତାର ସହଯୋଗୀ କରଣବୀର ସିଂହଙ୍କୁ ଗୁଳିମାରି ହତ୍ୟା କରିଛନ୍ତି। ଏହି ହତ୍ୟାର ଦାୟିତ୍ୱ ବର୍ମିହା ଗ୍ୟାଙ୍ଗ ନେଇଛି। କରଣବୀରର ବାପା ପଞ୍ଜାବ ପୋଲିସରେ ଥାନେଦାର ଥିଲେ। ପୋଲିସ ଏହି ହତ୍ୟାକାଣ୍ଡକୁ ଗ୍ୟାଙ୍ଗୱାର୍ ବୋଲି କହୁଛି । ଗତ କିଛି ଦିନ ତଳେ ଲୋରେନ୍ସ ବିଶ୍ନୋଇ ଓ ଗୋଲ୍ଡି ବରାଡ଼ ଗ୍ରୁପ ମଧ୍ୟରେ ହୋଇଥିବା

▶▶ପୃଷ୍ଠା ୭

ରଥଯାତ୍ରା ସୁପରିଚାଳନା ନେଇ ବାରିପଦା ପୌରପାଳିକା ପ୍ରସ୍ତୁତି : ଜିଲ୍ଲା ପ୍ରଶାସନକୁ ୬ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ

ରଥଯାତ୍ରା ସରସ ସୁନ୍ଦର କରିବା ପାଇଁ ଆମେ ଯତ୍ନବାନ : ନଗରପାଳ

ବାରିପଦା, ୨୭/୦୬ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ରଥଯାତ୍ରାକୁ ସୁପରିଚାଳନା କରିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଅଣ୍ଟା ଭିଡାଯାଇଛି । ଚଳିତ ବର୍ଷ ରଥଯାତ୍ରାକୁ ସରସ ଓ ସୁନ୍ଦର କରିବା ନେଇ ସଫେଇରୁ ଆରମ୍ଭ କରି ଆନୁଷଙ୍ଗିକ ବ୍ୟବସ୍ଥା ନେଇ ପୌରପାଳିକା ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରଥଯାତ୍ରା ସମୟରେ ପରିମଳ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ପ୍ରତି ଦିନ ବାରିପଦା ପୌରାଞ୍ଚଳରେ ୩୪୨ରୁ ଉର୍ଦ୍ଧ୍ୱ ସଫେଇ ଶ୍ରମିକଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରାଯାଉଛି । ଏହାସହିତ ଅଧିକ ଆବଶ୍ୟକ ସଂଖ୍ୟକ ସଫେଇ ଶ୍ରମିକଙ୍କ ଦ୍ୱାରା ପ୍ରତିଦିନ କୃଷ୍ଣଚନ୍ଦ୍ର ଗୋଲେଇ ଠାରୁ ଅମ୍ବିକା ମନ୍ଦିର ଓ ଅମ୍ବିକା ମନ୍ଦିର ଠାରୁ ଦୋଳିପଡିଆ ପର୍ଯ୍ୟନ୍ତ ରାସ୍ତା ଏବଂ ଡ୍ରେନ୍ ସଫେଇ କରାଯାଉଛି । ଏହାସହିତ ବଡଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତା ଓ ଡ୍ରେନ୍ ଗୁଡିକୁ ମଧ୍ୟ ସଫେଇ କରାଯାଉଛି । ସଫେଇ ନିମନ୍ତେ ଆବଶ୍ୟକ ସଂଖ୍ୟକ ଅଧିକ ଟ୍ରାକ୍ଟର ସହ ସଫେଇ ଶ୍ରମିକ ନିୟୋଜିତ କରାଯାଇ ଅଳିଆ ସଂଗ୍ରହ କରାଯାଉଛି । ବର୍ଷା ଦିନ ପୂର୍ବରୁ ସହର ବଡ ବଡ ଡ୍ରେନ୍ ଗୁଡିକୁ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ବଡଦାଣ୍ଡକୁ ରାତ୍ରୀକାଳୀନ ସଫେଇ ପାଇଁ ୧୦ଜଣ ସଫେଇ ଶ୍ରମିକ, ଦୁଇଟି ଟ୍ରାକ୍ଟର ଏବଂ ମେସିନ୍ ଚାଳିତ ସଫେଇ ଯାନ ନିୟୋଜିତ ରହିଛନ୍ତି । ରଥଯାତ୍ରା ସମୟରେ ସଂକ୍ରମଣ ରୋକିବା ପାଇଁ ବଡଦାଣ୍ଡ ଓ ବାରିପଦା ପୌରାଞ୍ଚଳରେ ପ୍ରତିଦିନ ଯଥେଷ୍ଟ ପରିମାଣର ବ୍ଲିଚିଂ ପାଉଡର ପକାଯାଉଛି । ସହରରେ ୨୦ରୁ ଉର୍ଦ୍ଧ୍ୱ ପରିଶ୍ରାଗାର ଥିଲେ ସୁଦ୍ଧା ବଡଦାଣ୍ଡ ଖାଲି ସ୍ଥାନରେ ୪ଟି ଅସ୍ଥାୟୀ ପରିଶ୍ରାଗାର ସ୍ଥାପନ କରାଯାଇଛି । ରଥଟଣା ସମୟରେ ପ୍ରତ୍ୟେକ ରଥ ପାଇଁ ଏଲସିଭି ଟ୍ରାଇ ସାଇକେଲ ସହ ୨୦ଜଣ ସଫେଇ କର୍ମଚାରୀ ନିୟୋଜିତ କରାଯାଇ ବଡଦାଣ୍ଡକୁ ସଫେଇ କରାଯିବ । ରଥଯାତ୍ରା ସମୟରେ ଦିନକୁ ଦୁଇ ଥର ଅର୍ଥାତ୍ ସକାଳେ ଓ ରାତ୍ରୀ ସମୟରେ ଏଲସିଭି ଗାଡି ଦ୍ୱାରା ସମସ୍ତ ଦୋକାନୀଙ୍କ ଠାରୁ ଅଳିଆ ଆବର୍ଜନା ସଂଗ୍ରହ କରାଯିବ । ଏନେଇ ସ୍ୱଚ୍ଛ ସାଥି ମାନଙ୍କ ଦ୍ୱାରା ସମସ୍ତ ଦୋକାନୀ ମାନଙ୍କୁ ସଚେତନ କରାଯାଉଛି । ବଡଦାଣ୍ଡ ତଥା ଏହାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସମେତ ପୋଲିସ୍ ଲାଇନ୍ ଓ ଡକଡପୁରରେ ହେଉଥିବା ରଥ ଉପଲକ୍ଷେ ମଧ୍ୟ ସଂପୃକ୍ତ ଅଞ୍ଚଳରେ ପୋର୍ଟ ହୋଲ ମରାମତି କରାଯାଇଛି । ରଥଯାତ୍ରା ସମୟରେ ଯାତ୍ରୀ ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବ । ସଂକ୍ରମଣରୁ ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ସ୍ୱାସ୍ଥ୍ୟ ଶିବିର ଓ ଜଗନ୍ନାଥ ମନ୍ଦିର ନିକଟରେ ଗୋଟିଏ ଲେଖାଇଁ ଜଳଛତ୍ରର ପୌରପାଳିକା ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଏହାସହିତ ଅନ୍ୟାନ୍ୟ ସଂସ୍ଥା ମାନଙ୍କ ତରଫରୁ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଜଳଛତ୍ରର ଆୟୋଜନ କରାଯିବ । ବଡଦାଣ୍ଡ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବେଆଇନ ଅବରୋଧ ଗୁଡିକୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସହାୟତାରେ ଉଚ୍ଛେଦ କରାଯାଇଛି । ଏହା ସହିତ ବାରିପଦା ପୌରାଞ୍ଚଳରେ ଥିବା ମୁଖ୍ୟ ରାସ୍ତା ଗୁଡିକ ଦୁଇ ପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ କରାଯାଇଛି । ରଥଯାତ୍ରା ସମୟରେ ପ୍ରତ୍ୟେକ ୱାର୍ଡରେ ଓ ମୁଖ୍ୟ ରାସ୍ତା ଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡଦାଣ୍ଡରେ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ବାରିପଦା ପୌରପାଳିକା ପକ୍ଷରୁ ମଞ୍ଚ, ଆଲୋକ ଓ ସାଉଣ୍ଡର ବ୍ୟବସ୍ଥା କରାଯାଇଛି । ରଥଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ଜଗନ୍ନାଥ ମନ୍ଦିର ଠାରୁ ରାଧାମୋହନ ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡକୁ ପୌରପରିଷଦ ତରଫରୁ ଝୋଟି ଓ ଚାରୁକଳା କାର୍ଯ୍ୟ କରାଯାଇଛି । ଜନସମାଗମକୁ ଦୃଷ୍ଟିରେ ରଖି ବଡଦାଣ୍ଡ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅସ୍ଥାୟୀ ଭାବେ ୪୦ଟି ସିସି ଟିଭି କ୍ୟାମେରା ପୌରପରିଷଦ ତରଫରୁ ଲଗାଯାଇଛି । ରଥ ପାଇଁ କନା ମଧ୍ୟ ପୌରପାଳିକା ତରଫରୁ ଯୋଗାଇ ଦିଆଯିବ । ଚଳିତ ବର୍ଷ ରଥଯାତ୍ରାକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୌରପାଳିକା ପକ୍ଷରୁ ୬ଲକ୍ଷ ଟଙ୍କା ବାରିପଦା ପୌରପାଳିକା ତରଫରୁ ବାରିପଦା ଦେବୋଉର ବିଭାଗଙ୍କୁ ଅନୁଦାନ ରୂପେ ପ୍ରଦାନ କରାଯାଇଛି । ପ୍ରତି ଫାଷ୍ଟଫୁଡ୍ ଓ ଚାଟ୍, ଗୁପଚୁପ୍ ଆଦି ଅସ୍ଥାୟୀ ଖାଦ୍ୟ ଦୋକାନୀଙ୍କୁ ରଥଯାତ୍ରା ସମୟରେ ପତ୍ର ପ୍ଲେଟ୍ ଓ ପତ୍ର ଦୋନାରେ ଖାଦ୍ୟ ପରିବେଷଣ କରିବାରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ହଇଜା ଓ ଡାଇରିଆ ପରି ସଂକ୍ରମଣ ବ୍ୟାପିବାକୁ ରୋକିବା ପାଇଁ ପୌରପାଳିକା ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ୍ ଏବଂ ଫାଷ୍ଟଫୁଡ୍ ଦୋକାନ ଗୁଡିକରେ ଖାଦ୍ୟର ମାନ ଯାଞ୍ଚ୍ କରାଯାଉଛି । ପ୍ରତିଟି ବ୍ୟବସ୍ଥାର ତଦାରଖ କାର୍ଯ୍ୟ କିପରି ହେଉଛି ସେନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନିଜେ ଅନୁଧାନ କରିଛନ୍ତି । ନଗରପାଳଙ୍କ ପୌରହିତରେ ଉପ ନଗରପାଳ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ କାଉନସିଲର ମାନେ ପ୍ରତିଟି କାର୍ଯ୍ୟର ତଦାରଖ କରୁଛନ୍ତି । ମହାପ୍ରଭୁଙ୍କ ରଥଯାତ୍ରାକୁ ସରସ ଓ ସୁନ୍ଦର କରିବା ପାଇଁ ବାରିପଦା ପୌରପାଳିକା ସଦା ଯତ୍ନବାନ ଥିବା ନେଇ ନଗରପାଳ ଶ୍ରୀ ମହାନ୍ତି କହିଛନ୍ତି ।

ସେଲ ରାଉରକେଲା ଇସ୍ପାତ କାରଖାନାର ଅତ୍ୟାଧୁନିକ ସିଓ୍ୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଟ୍ରାୟାଲରେ ପ୍ରବେଶ

ରାଉରକେଲା, ୨୭/୦୬ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସ୍ଥାପିତ ହେଉଥିବା ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି) ଜୁଲାଇ ତୃତୀୟ ସପ୍ତାହରେ କମିଶନିଙ୍ଗ ହେବା ଆଶା କରାଯାଉଛି । ଏହାର ଜନ୍ମୋପକରଣ ସ୍ଥାପନା କାର୍ଯ୍ୟ ଶେଷ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟ ଟ୍ରାୟାଲ ଅପରେସନ ଅପ୍ରେଲ ମାସରେ ଶେଷ ହୋଇଛି । ଖୁବ ଶୀଘ୍ର ଏହାର ଦ୍ୱିତୀୟ ପର୍ଯ୍ୟାୟ ଟ୍ରାୟାଲ ଅପରେସନ ଆରମ୍ଭ ହେବ ଯାହା ଏହାର ତୃତୀୟ ପର୍ଯ୍ୟାୟ ଟ୍ରାୟାଲ ଓ କମିଶନିଙ୍ଗ ପାଇଁ ରାସ୍ତା ପ୍ରଶସ୍ତ କରିଛି । ଏହି ଅତ୍ୟାଧୁନିକ ସୁବିଧା ଦୈନିକ ୩୦ ନିୟୁତ ଲିଟର (ଏମଏଲଡ଼ି) ସିଓ୍ୱେଜ ଜଳ ପ୍ରବନ୍ଧନର କ୍ଷମତା ବହନ କରୁଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ଙ୍କ ପରାମର୍ଶ ଅନୁଯାୟୀ ଗ୍ରହଣ କରାଯାଇଥିବା ଏହି ପ୍ରମୁଖ ପଦକ୍ଷେପ ଇସ୍ପାତ ସହରାଞ୍ଚଳରେ ପରିବେଶ ସମସ୍ୟାକୁ ସମାଧାନ କରିବା ସହିତ ଜୀବନଧାରଣ ମାନରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି । ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ୯୬ କୋଟି ଟଙ୍କା ରହିଛି ।

ଉଲ୍ଲେଖଯୋଗ୍ୟ ଯେ, ଆରଏସପି ଉପରୋକ୍ତ ପ୍ରକଳ୍ପ ପାଇଁ ୨୦୨୩ ଜୁନ ମାସରେ ମେଷର୍ଷ ବି ଜି ପଟେଲ ଏବଂ ମେଷର୍ଷ ଓଆସିସ ଇପିସି ସଲ୍ୟୁସନକୁ ନେଇ ଗଠିତ ଏକ କନସ୍ୱର୍ସିୟମ୍ ସହିତ ଏକ ବିସ୍ତୃତ ଚୁକ୍ତିନାମା ସ୍ୱାକ୍ଷର କରିଥିଲା । ଏହି ଚୁକ୍ତିନାମାରେ ଉପରୋକ୍ତ ନୂତନ ସୁବିଧାର ସ୍ଥାପନା, କମିଶନିଙ୍ଗ ଏବଂ ୫ ବର୍ଷର ଅପରେସନ୍ ଏବଂ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଭୁକ୍ତ ରହିଛି । ଉକ୍ତ ଅତ୍ୟାଧୁନିକ ବ୍ୟବସ୍ଥାରେ ଜଳ ବିଶୋଧନ ପାଇଁ ମୁଭିଙ୍ଗ୍ ବେଡ୍ ବାୟୋଫିଲ୍ମ ରିଆକ୍ଟର (ଏମବିବିଆର) ଜ୍ଞାନକୌଶଳ ବ୍ୟବହାର ହେବ । ଏହି ପ୍ରକଳ୍ପ ୨୦୨୫ ମଇ ମାସ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି । ଇସ୍ପାତ ସହରାଞ୍ଚଳରେ ଉତ୍ପନ୍ନ ସମସ୍ତ ସ୍ୱେରେଜ୍ ଜଳକୁ ଏହି ନୂତନ ବ୍ୟବସ୍ଥା ପରିଚାଳନା କରିବ । ସୂଚନାଯୋଗ୍ୟ ଯେ, ଇସ୍ପାତ ସହରାଞ୍ଚଳର ସମସ୍ତ ବାସିନ୍ଦାଙ୍କ ପାଇଁ ଏକ ନିରାପଦ ତଥା ସୁସ୍ଥ ପରିବେଶ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇ ସିଓ୍ୱେଜ ବିଶୋଧନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ମରାମତି କରିବାକୁ ଆରଏସପି ପଦକ୍ଷେପ ନେଇଛି ।

ଉକ୍ତ ଅନନ୍ୟ ପ୍ରକଳ୍ପ ଆରଏସପିର ପ୍ରକଳ୍ପ ବିଭାଗ ଦ୍ୱାରା ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀଙ୍କ ନେତୃତ୍ୱରେ କାର୍ଯ୍ୟାକାରୀ ହେଉଛି । ମେସର୍ସ ମେକନ୍ ଲିମିଟେଡ୍ ପ୍ରକଳ୍ପର ପରାମର୍ଶଦାତା ହୋଇଥିବାବେଳେ ସହର ଇଞ୍ଜିନିୟରିଂ ଏବଂ ସହର ସେବା ଏହାର ଉପଭୋକ୍ତା ବିଭାଗ ଅଟନ୍ତି । ପ୍ରକଳ୍ପ ବିଭାଗର ସିଜିଏମ ଶ୍ରୀ ଡ଼ି କେ ସାହୁ ଓ ପ୍ରକଳ୍ପ ବିଭାଗର ଜିଏମ ଶ୍ରୀ ସୂର୍ଯ୍ୟ କୁମାର ଦାସ, ଡ଼ିଜିଏମ ଶ୍ରୀ ଭି କେ ଯାଦବଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପ କାର୍ଯ୍ୟାକାରୀ ହେଉଛି । ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଯୋଗାଯୋଗ ଦଳରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ୍ ଶ୍ରୀ ବି କେ ଜୋଜୋ, ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର, ସହର ଇଞ୍ଜିନିୟରିଂ ଜଳ ଯୋଗାଣ ବିଭାଗର ଜିଏମ ଶ୍ରୀ ମଙ୍ଗଲ ଓରାମ, ସିଏସଆର ବିଭାଗର ଜିଏମ ଶ୍ରୀ ବି ମଲ୍ଲିକ ତଥା ସହର ସେବା ବିଭାଗର ଜିଏମ ଶ୍ରୀ ସଞ୍ଜୟ ଦେଓ ସାମିଲ ଅଛନ୍ତି ।

ଏହି ଉଚ୍ଚାଭିଳାଷୀ ପ୍ରୟାସ ନିରନ୍ତର ବିକାଶ ଏବଂ ପରିବେଶ ପରିଚାଳନା ପାଇଁ ସେଲର ପ୍ରତିବଦ୍ଧତାକୁ ସୂଚିତ କରେ । ନବୀକରଣ ହୋଇଥିବା ଜଳ ନିଷ୍କାସନ ଭିତ୍ତିଭୂମି ଜଳ ଉତ୍ସର ଗୁଣବତ୍ତା ବୃଦ୍ଧି, ପ୍ରଦୂଷଣ ହ୍ରାସ ଏବଂ ଇସ୍ପାତ ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ ଏକ ସୁସ୍ଥ ଏବଂ ଉନ୍ନତ ପରିବେଶ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

ବରିଷ୍ଠ ନାଗରିକ ମଂଚର ବୈଠକ

ବଡସାହି, ୨୭/୦୬ (ନି.ପ୍ର): ବଡସାହି ବ୍ଲକ ବରିଷ୍ଠ ନାଗରିକ ମଂଚର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଂଚର ସଭାପତି ସୁନୀଲ କୁମାର ଦାଶ ସଭାପତିତ୍ୱ କରିଛନ୍ତି । ପ୍ରଥମେ ସାଧାରଣ ସଂପାଦକ ରତ୍ନାକର ପାତ୍ର ବିବରଣୀ ପାଠ କରିଥିଲେ । ବରିଷ୍ଠ ନାଗରିକମାନଙ୍କ ସାମାଜିକ ମଙ୍ଗଳ ପାଇଁ ସରକାରଙ୍କ ତରଫରୁ ମଂଜୁର ହୋଇଥିବା ୫୦ହଜାର ଟଙ୍କାର ବ୍ୟବହାର, କାର୍ଯ୍ୟାଳୟ ପାଇଁ ସ୍ଥାୟୀ ଗୃହ ନିର୍ମାଣର ଜାଗା ସମସ୍ୟାର ସମାଧାନ, ରାଜ୍ୟ ସରକାର ବରିଷ୍ଠ ନାଗରିକ ମାନଙ୍କ ପାଇଁ ଭତା ବୃଦ୍ଧି କରିବା, ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ହସ୍ତାନ୍ତର ଓ ଏହାର କାର୍ଯ୍ୟକାରିତା କେବେ ହେବ, ସେଥିପାଇଁ ଅଧିକାରୀଙ୍କ ସହିତ ଆଲୋଚନା କରିବା, ରେଳଗାଡି ଯାତ୍ରା ସମୟରେ ପୂର୍ବ ପ୍ରଚଳିତ ରିହାତି ପ୍ରଦାନ କରିବା, ବେତନଟୀରୁ ନୀଳଗିରି ଭାୟା ବଡସାହି ଦେଇ ନୂତନ ରେଳଲାଇନ ସଂଯୋଗୀକରଣ କରିବା, ବେତନଟୀ, ଉଦଳା ଭାୟା ବଡସାହି ରାସ୍ତାର ପ୍ରଶସ୍ତିକରଣ କରିବା, ବଡସାହି କୋଚିଲାଝୁଟା ଠାରୁ ପତରାପଦା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ, ବଡସାହି- ବେଲପାଳ ରାସ୍ତର ପାର୍ଶ୍ୱରେ ବୃକ୍ଷରୋପଣ, ମଂଚ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ପଦକ୍ଷେପ ନେବା, ଉଦଳା ରାସ୍ତାର ପତରାପଦା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ, ବଡସାହି- ବେଲପାଳ ରାସ୍ତର ପାର୍ଶ୍ୱରେ ବୃକ୍ଷରୋପଣ, ମଂଚ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ କରାଇବାକୁ ସଭାପତି ମତ ରଖିଥିଲେ । ଏହି ବୈଠକରେ ପୂର୍ବତନ ବ୍ଲକ୍ ଅଧକ୍ଷ୍ୟ ମନେରଂଜନ ବଳା, ଅଶୋକ କୁମାର ବେହେରା, ମହେଶ୍ୱର ସେନାପତି, ସୁଷମା ପାତ୍ର, ଡାକ୍ତର ସୁବୋଧ କୁମାର ଦାସ, ପୂର୍ବତନ ସରପଂଚ ଲକ୍ଷ୍ମୀଧର ସିଂ, ପୂର୍ବତନ ବାୟୁସେନା ଅଫିସର ସରୋଜ କୁମାର ବେହେରା, ଜଗବନ୍ଧୁ ସାହୁ, ରମାନାଥ ପ୍ରଧାନ, ସୁବାସ ଚନ୍ଦ୍ର ଖଣ୍ଡା, ସୁବୋଧ କୁମାର ଦଣ୍ଡପାଟଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇ ଆଲେଶଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ କୋଷାଧକ୍ଷ୍ୟ ପ୍ରଦୀପ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଧାର କରିଦେଲା ସବୁ ଅନ୍ଧାର : ପଢ଼ାରେ ଡ଼ୋରି ବାନ୍ଧିଲେ ସିନିଗ, ବିଦ୍ୟାଳୟର ମାଟି ମାଡ଼ି ପାରିଲେ ନାହିଁ ବୁଦୁନି

ଉଦଳା , ୨୭/୦୬ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଦପୁଟଳି ଗ୍ରାରମ ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦଶରଥ ସୋରେନ ଓ ତାଙ୍କର ସହଧର୍ମିଣି ସୀତା ସୋରେନଙ୍କ ୧୦ବର୍ଷ ବୟସର କନ୍ୟା 'ବୁଦୁନି' ଏବଂ ୧୩ ବର୍ଷ ବୟସର କନ୍ୟା 'ସିନିଗ' ବିଦ୍ୟାଳୟକୁ ନଯାଇ ଘରେ ବସି ରହିଥିବାର ଜଣାଯାଇଛି । ଖବର ନେବାରୁ ଜ୍ୟେଷ୍ଠ କନ୍ୟା 'ସିନିଗ' ଅଙ୍ଗନୱାଡ଼ି ପାସ କରିବା ପରେ ଗୋଟିଏ ବର୍ଷ ଧରି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପାଠପଢ଼ିବାକୁ ଯାଉଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଶିକ୍ଷକ ତାଙ୍କୁ ନିୟମିତ ଆଧାରକାର୍ଡ ମାଗିଲେ । ଫଳରେ ସେ ଆଉ ବିଦ୍ୟାଳୟକୁ ନଯାଇ ପାଠପଢ଼ାରେ ଡ଼ୋରି ବାନ୍ଧିଲେ । ଦିର୍ଘଦିନ ଧରି 'ସିନିଗ' ବିଦ୍ୟାଳୟକୁ କାହିଁକି ଆସୁ ନାହାଁନ୍ତି ସେଥିପାଇଁ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରି ମାନେ ଆଦୌ ଖୋଜିଲେ ନାହିଁ । ଇତି ମଧ୍ୟରେ 'ସିନିଗ'ଙ୍କୁ ୧୩ ବର୍ଷ ବୟସ ଛୁଇଁଥିବା ବେଳେ ବିଦ୍ୟାଳୟ ଖାତାରେ ତାଙ୍କର ନାମ ରହିଛି କି କଟିଯାଇଛି କିମ୍ବା ଆଦୌ ଲେଖାଯାଇ ନାହିଁ ସେ ବିଷୟରେ ପରିବାରର ଲୋକେ କିଛି ଜାଣିନଥିବାର ପ୍ରକାଶ କରିଛନ୍ତି । ପରେ କନିଷ୍ଠ କନ୍ୟା 'ବୁଦୁନି' ନାମ ଲେଖାଇବାକୁ ଯିବାରୁ କାର୍ଯ୍ୟରତ ଶିକ୍ଷକ ଆଧାର କାର୍ଡ଼ ନଥିଲେ ନାମ ଲେଖାଯାଇ ପାରିବ ନାହିଁ ବୋଲି ରୋକ ଠୋକ ମନା କରି ବିଦା କରିଦେଇଥିବାର କଥା ଅବିଭାବକ

କହିଛନ୍ତି । ଏହିଭଳି ବିଭିନ୍ନ କାରଣରୁ ଶହ ଶହ ସଂଖ୍ୟାରେ ଆଦିବାସୀ ପିଲା ପାଠପଢ଼ା ଛାଡୁଥିବା ବେଳେ କିଛି ପିଲା ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଛି । ଏତିକିବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାହିଁକି ଚୁପ ମାରି ବସିଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।

ଛିଡୁନି ହାଟ ବିବାଦ : ଏପିଡି, ତହସିଲଦାର ଓ ଥାନା ଅଧିକାରିଣୀଙ୍କ ସହିତ ଉଭୟ ଗ୍ରାମବାସୀଙ୍କ ଆଲୋଚନା

ବଡସାହି, ୨୭/୦୬ (ନି.ପ୍ର): ବଡସାହି ବ୍ଲକ୍ ଅଧିନ ପଟିସାରୀ ପଂଚାୟତର ଡେଙ୍କୁଳିମୁଣ୍ଡା ଓ ବେଗୁନିଆବଣୀ ଗ୍ରାମବାସୀଙ୍କ ମଧ୍ୟରେ ଏକ ହାଟକୁ ନେଇ ବିବାଦ ଛିଡିବାର ନାମ ଧରୁନି । ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ବି.ଡ.ଓ ଓ ତହସିଲଦାରଙ୍କ ନିକଟରେ ଉଭୟ ପକ୍ଷଙ୍କ ନିକଟରୁ ଅଭିଯୋଗ ହୋଇଛି । ଅଧିକାରୀମାନେ ଗ୍ରାମକୁ ଯାଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ ହେଁ ତାହା ସମ୍ଭବ ହୋଇ ପାରିନାହିଁ । ଏପରିକି ୧୪୪ଧାରା ହୋଇ ତାହା ପୁଣି ଉଠି ଯାଇଥିବାର ଜଣାଯାଇଛି । ସୋମବାର ବ୍ଲକ୍ ସଭାଗୃହରେ ଏପିଡି, ତହସିଲଦାର, ଏବିଡିଓ ଓ ଥାନା ଅଧିକାରିଣୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନ କରାଯିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାହା ସଫଳ ହୋଇ ନାହିଁ । ଉଭୟ ପକ୍ଷ ନିଜ ନିଜ ଜିଦରେ ଅଟଳ ଥିବା ବେଳେ ଉତେଜନା ପ୍ରକାଶ ପାଇଛି । ପଂଚାୟତରେ ଗ୍ରାମସଭା କରାଯାଇ ସମସ୍ୟାର ସମାଧାନ କରାଯିବାକୁ ନିଷ୍ପତି ହୋଇଥିବାର ଜଣାଯାଇଛି । ତେଙ୍କୁଳିମୁଣ୍ଡା ହାଟଟି ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ହାଟ ହେଉଥିଲା । ଏହା ମଧ୍ୟ ପଂଚାୟତ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲା ବେଳେ ଚଳିତ ବର୍ଷ ୭୬ ହଜାର ଟଙ୍କାରେ ନିଲାମ ହୋଇଛି । ଏହି ନିଲାମ ଗ୍ରାମ କମିଟି ଜରିଆରେ ଜଣେ ମହିଳାଙ୍କ ନାମରେ ନିଆଯାଇଥିବାର ଜଣାଯାଇଛି । ଏ ସଂକ୍ରାନ୍ତରେ କମିଟି ପକ୍ଷରୁ ୪୦ ହଜାର ଟଙ୍କା ପଂଚାୟତରେ ଜିମା ଦିଆଯାଇଥିବାବେଳେ ବାକି ଟଙ୍କା ୧୫ଦିନ ମଧ୍ୟରେ ଦିଆଯିବାକୁ ପ୍ରତିଶୃତି ଦିଆଯାଇଥିଲା । ମାତ୍ର ମହାସୁଲ ଆଦାୟକୁ ନେଇ ବିବାଦ ଦେଖା ଦେଇଥିବାରୁ, ଗତ କିଛି ଦିନ ଧରି ଏହି ହାଟକୁ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶନିବାର, ୨୮ ଜୁନ୍ ୨୦୨୫

ମହାପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ ଯାତ୍ରାର ଏକ ବିହଙ୍ଗାବଲୋକନ

ଅମୂଲ୍ୟ କୁମାର ପଣ୍ଡା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନୀଳାଦ୍ରି ମହୋଦୟର ବର୍ଣ୍ଣନା ଅନୁଯାୟୀ ମହାପ୍ରଭୁଙ୍କ ଆବିର୍ଭାବ ପରେ ତାଙ୍କ ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରିଥିଲେ । ସେହି ମନ୍ଦିରକୁ ପ୍ରଜାପିତା ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମଲୋକ ଯାଇଥିଲେ । ସେଠାରୁ ବ୍ରହ୍ମାଙ୍କୁ ନେଇ ଆସିଥିଲେ । ବ୍ରହ୍ମା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସହ ଶଙ୍ଖନିଧି ଓ ପଦ୍ମନିଧିଙ୍କୁ ପଠାଇଥିଲେ । ନାରଦ ଏବଂ ଅନ୍ୟ ଦୁଇ ଦେବଦୂତଙ୍କ ସହ ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ପଣି ରଥ ନିର୍ମାଣ କରଯାଇଥିଲା । ନାରଦଙ୍କ ନିର୍ଦ୍ଦେଶ ମତେ ଶଙ୍ଖନିଧି ଓ ପଦ୍ମନିଧି ରଥ ନିର୍ମାଣ ଆରମ୍ଭ କରିଥିଲେ । ସେଥିପାଇଁ ମନ୍ଦିର ପଶ୍ଚିମ ଦିଗରେ ଯେଉଁଠି ସଂସାରର ଆନନ୍ଦବର୍ଦ୍ଧକ ମହାପ୍ରଭୁ ଲୋକନାଥ ବିରାଜମାନ କରିଛନ୍ତି,ସେଠାରେ ଶଙ୍ଖନିଧି ଓ ପଦ୍ମନିଧି ଗୋଟିଏ ସ୍ୱର୍ଣପୁରୀ ନିର୍ମାଣ କରିଥିଲେ । ସେହିଠାରେ ଦୁଇ ସ୍ୱର୍ଗଦୂତ ରଥ ନିର୍ମାଣ ଆରମ୍ଭ କରିଥିଲେ କ୍ଷ ଅର୍ଥାତ ସ୍ୱର୍ଣପୁରୀରେ ଦେବଦୂତ ଦ୍ୱୟ ନାନା ରୁଚିର ଅଳଙ୍କାର ମାନ ସଂଯୁକ୍ତ କରି ରଥ ତିନୋଟି ନିର୍ମାଣ କରିଥିଲେ ।ନାରଦ କହିବା ଅନୁସାରେ ସେହିରଥ ତିନୋଟିକୁ ସୁନ୍ଦର ଓ ନରମ ବସ୍ତ୍ରଦ୍ୱାରା ସଜାଇଥିଲେ । ସେଥିରେ ନାନା ରତ୍ନ ଏବଂ ସ୍ୱର୍ଣ ଅଳଙ୍କାର ମାନ ଲଗାଇଥିଲେ । ରଥର ଚକ ଗୁଡାକ ଲୁହାରେ ତିଆରି କରିଥିଲେ । ରଥଚକର ଅର ଗୁଡିକ ସୁନାରେତିଆରି କରିଥିଲେ । ସୁନା ଚକ ବେଶ ଆକର୍ଷକ ଥିଲା । ରଥ କେବଳ ରତ୍ନ ଏବଂ ସ୍ୱର୍ଣ ଅଳଙ୍କାର ମାନ ଲଗାଯାଇନଥିଲା , ଏହାର ଚାରିପଟେ ନାନା ଅବତାର ମାନଙ୍କରେ ପ୍ରକଟିତ ହୋଇଥିବା ଭଗବାନଙ୍କର ଲୀଳା ଚିତ୍ରିତ କରାଇ ଚଳନ୍ତି ପ୍ରତିମା ତିଆରି ହୋଇଥିଲା । ସେଗୁଡିକୁ ପାର୍ଶ୍ୱ ଦେବାଦେବୀ ଭାବେ ସଂଯୋଗ କରି ସାରଥି ବସାଇଥିଲେ । ସୁନା ରେ ଘୋଡା ନିର୍ମାଣ କରି ରଥରେ ସଂଯୋଗ କଲେ । ଦେଖିଲା ମାତ୍ରକେ ଦର୍ପ ପ୍ରକାଶ କରୁଥିବା ସମୁଜ୍ଜ୍ୱଳ ଆକୃତି ର ଦୁଇଟି ନିଧି ସେହି ରଥ ରେ ମଣ୍ଡିତ କଲେ । ତିନି ଲୋକ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ସୁଖ ବୃଦ୍ଧି କରିପାରୁଥିବା ଭଳି ତିନୋଟି ଆଶ୍ଚର୍ଯ୍ୟଜନକ ରଥ ପ୍ରସ୍ତୁତ କରଯାଇଥିଲା । ସେଥିମଧ୍ୟରୁ -ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ହେଉଛି ‘ଗରୁଡ ଧ୍ୱଜ‘,

ଜଗତଜନନୀ ମା’ ସୁଭଦ୍ରାଙ୍କ ସୁବର୍ଣ୍ଣମୟ ରଥର ନାମ ‘ପଦ୍ମ ଧ୍ୱଜ‘, ବଡ ଠାକୁର ଶ୍ରୀବଳଭଦ୍ରଙ୍କ ରଥର ନାମ ‘ତାଳ ଧ୍ୱଜ‘ ।

ରଥ ତିନୋଟି ନିର୍ମାଣ ହେବ ପରେ ତାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେଥିରେ ତୋରଣ ଓ ବିଭିନ୍ନ ଧାରଣ ର ପତାକା ସଂଯୋଗ କରାଯାଇଥିଲା । ନାନା ଶୁଭଗୁଣରେ ଅନ୍ୱିତ, ନବଜଳଧର ପରି ସୁନ୍ଦର ସମସ୍ତଙ୍କ ଦର୍ଶନାନନ୍ଦଦାୟୀ ଅତି ସୁସଜ୍ଜିତ ତିନି ରଥକୁ ଦେଖି ସମସ୍ତେ ଚକିତ ହୋଇଥିଲେ । ଏହା ପରେ ରଥ ତିନୋଟିକୁ ବିଧିବଦ୍ଧ ଭାବେ ପ୍ରତିଷ୍ଠା କରଯାଇଥିଲା । ଏହା ପରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ରଥଯାତ୍ରା ।

ହିନ୍ଦୁ ଜ୍ୟୋତିଷିକ ତତ୍ତ୍ୱରେ ଗ୍ରହଜଗତ ନଅଗୋଟି ଗ୍ରହଙ୍କୁ ନେଇ ଗଠିତ, ଯଥା- ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁ । ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ମଧ୍ୟ ଜ୍ୟୋତିଷିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଆଷାଢ଼ ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଜଗନ୍ନାଥ ନିଜର ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରଥାରୁଢ଼ ହୋଇ ଶ୍ରୀମନ୍ଦିର ଛାଡ଼ି ଘୋଷଯାତ୍ରାରେ ନବଦିନ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି । ଆଷାଢ଼ ଶୁକ୍ଳ ତୃତୀୟାଠାରୁ ଆଷାଢ଼ ଶୁକ୍ଳ ନବମୀ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି ଏବଂ ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ପହଣ୍ଡି ହୋଇ ରଥ ଚଢ଼ି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଶ୍ରୀଜଗନ୍ନାଥଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରାସହ ନବଗ୍ରହଙ୍କ ଘନିଷ୍ଠ ସମ୍ପର୍କ ରହିଛି । ଶ୍ରୀଜଗନ୍ନାଥଙ୍କ ଏହି ନବଦିନ ଯାତ୍ରା ସପ୍ତାହର ପ୍ରତ୍ୟେକ ବାରକୁ ଆବୃତ୍ତ କରିଥାଏ । ସପ୍ତାହକର ସାତଦିନ ଗ୍ରହମଣ୍ଡଳର ଗ୍ରହମାନଙ୍କ ନାମରେ ନାମିତ । ରବିଙ୍କ ଉଦ୍ଦେଶ୍ୟରେ ରବିବାର, ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସୋମବାର, ମଙ୍ଗଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର, ବୁଧଙ୍କ ଉଦ୍ଦେଶ୍ୟରେ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର, ଶୁକ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓ ଶନିଙ୍କ ଉଦ୍ଦେଶ୍ୟରେ ଶନିବାର । କିନ୍ତୁ ଅନ୍ୟ ଦୁଇଗ୍ରହ, ଯଥା ରାହୁ ଓ କେତୁ ଛାୟାଗ୍ରହ ହେତୁ ଏମାନଙ୍କର କୌଣସି ସ୍ୱତନ୍ତ୍ର ବାର ନାହିଁ । ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥ ସାତଦିନ ରହନ୍ତି ଏବଂ ସପ୍ତାହର ପ୍ରତ୍ୟେକ ବାରକୁ ଆବୃତ୍ତ କରନ୍ତି । ଆଷାଢ଼ ମାସର ତୃତୀୟା ତିଥି ଯେଉଁଦିନ ପଡ଼ିବ ସେହିଦିନ ଶ୍ରୀଜଗନ୍ନାଥ ସେହିବାରର ପ୍ରତୀକଗ୍ରହ ରୂପେ ପୂଜା ପାଆନ୍ତି । ମନେକର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଘୋଷଯାତ୍ରା ଦିନ ରବିବାର ହେଲେ ତୃତୀୟା ସୋମବାର ହେବ ଏବଂ ତୃତୀୟାଠାରୁ ଶ୍ରୀଜଗନ୍ନାଥ ଆଗାମୀ ରବିବାର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପ୍ରତ୍ୟେକ ଗ୍ରହଙ୍କ ନିର୍ଦ୍ଦିଷ୍ଟ ସେହି ଗ୍ରହଙ୍କ ସ୍ୱରୂପ ଭାବରେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି । ସୋମବାର ଦିନ ଚନ୍ଦ୍ରଙ୍କ ସ୍ୱରୂପ, ମଙ୍ଗଳବାର ଦିନ ମଙ୍ଗଳଙ୍କ ସ୍ୱରୂପ, ବୁଧବାର ଦିନ ବୁଧଙ୍କ ସ୍ୱରୂପ, ଗୁରୁବାର ଦିନ ବୃହସ୍ପତିଙ୍କ ସ୍ୱରୂପ, ଶୁକ୍ରବାର ଦିନ ଶୁକ୍ରଙ୍କ ସ୍ୱରୂପ, ଶନିବାର ଦିନ ଶନିଙ୍କ ସ୍ୱରୂପ ଓ ରବିବାର ଦିନ ରବିଙ୍କ ସ୍ୱରୂପ ଭାବରେ ପୂଜା ପାଆନ୍ତି । କିନ୍ତୁ ରାହୁ ଓ କେତୁ ଏ ଦୁଇ ଗ୍ରହଙ୍କ ସ୍ୱତନ୍ତ୍ର ବାର ନଥିବା ହେତୁ ପ୍ରଥମ ଗୁଣ୍ଡିଚା ଘୋଷଯାତ୍ରା ଓ ଶେଷ ବାହୁଡ଼ା ଏ ଦୁଇ ଦିବସକୁ ରାହୁ ଓ କେତୁଙ୍କ ପାଇଁ ନିର୍ଦ୍ଦିଷ୍ଟ ବୋଲି ନିର୍ଣ୍ଣୟ କରାହୁଏ । ଏକସପ୍ତାହ ବ୍ୟାପି ଗୁଣ୍ଡିଚାରେ ରହଣୀ କାଳ ଚନ୍ଦ୍ରଙ୍କଠାରୁ ଆରମ୍ଭ କରି ରବିଙ୍କ ପର୍ଯ୍ୟନ୍ତ ସପ୍ତଗ୍ରହକୁ ସୂଚେଇଲା ଭଳି ଦୁଇ ଯାତ୍ରାକୁ ସାଙ୍କେତିକ ଭାବରେ ରାହୁ ଓ କେତୁଙ୍କୁ ସୂଚାଇ ନବଦିନ ବ୍ୟାପି ଯାତ୍ରା ନବଗ୍ରହକୁ ସମ୍ପୂର୍ଣ୍ଣ କରେ ।

ରଥ ନିର୍ମାଣର ଶାସ୍ତ୍ରୀୟ ପଦ୍ଧତି ଅନୁସାରେ ସମଗ୍ର ଭାରତ ବର୍ଷରେ ଦେବତାମାନଙ୍କ ନିମନ୍ତେ ଯେତେ ପ୍ରକାରର ରଥ ବ୍ୟବହାରରେ ଆସୁଛି, ତାହା ମଧ୍ୟରେ ଶ୍ରୀକ୍ଷେତ୍ରର ତିନି ରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ । ବହୁ ପ୍ରାଚୀନ ସମୟରୁ ରଥତ୍ରୟର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରନୁମୋଦିତ । ରଥ ନିର୍ମାଣ ସମ୍ବନ୍ଧରେ ମାନସାର ସଂଗ୍ରହାଦି ଗ୍ରନ୍ଥମାନଙ୍କରେ ସବିଶେଷ ବିଧି ବିଧାନ ରହିଛି । ଶିଳ୍ପସାର ସଂଗ୍ରହ ପୋଥିରେ ୨ୟ ଖଣ୍ଡରେ ରଥର ମୂଳରୁ ଚୂଳ ପର୍ଯ୍ୟନ୍ତ ମୋଟ

୨୭ ଭାଗ କରାଯାଇଛି । ପ୍ରତ୍ୟେକ ଭାଗକୁ ଚଉଠା ଓ ଚଉଠା ଦେଢ଼ ଭାଗକୁ ଅଙ୍ଗୁଳ ବା କଳା କୁହାଯାଏ । ରଥର ତଳ ଚକଡାର ଦୈର୍ଘ୍ୟ ୨୭ ଚଉଠା । ଏହି ଚକଡାକୁ ୯ ଭାଗ କରି ୧୦ ଧାରଣା ପକାଯାଏ । ପ୍ରଥମ ୬ ଧାରଣାର ଲମ୍ବ ୨୭ ଚଉଠା, ୨ୟ ଧାରଣାର ଲମ୍ବ ୨୧ ଚଉଠା ଓ ୩ୟ ଧାରଣାର ଲମ୍ବ ୧୫ ଚଉଠା । ମୁହାଣର ଲମ୍ବ ୧୫ ଚଉଠା,କୁଢୁକାର ଲମ୍ବ ଧାରଣ ମହଲାକୁ ୩ ଚଉଠା, ଏପରି ଚାରି କୋଣରେ ୮ କୁଢୁକା ଦେବ । ବଡ଼ ଦୁଇ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୪ ଚଉଠା । ଏହି ଏକ ଚଉଠାକୁ ୧୨ ଭାଗ କରାଯାଏ । ୧୭ ଚଉଠ ୮ ଅଙ୍ଗୁଳରେ ବଡ଼ ଅଖ ଦୁଇ ଗୋଟି ପୁଡା ଡାଇ ହାଣିବ । ଗୁଳିର ଉଚ୍ଚ ୫ ଚଉଠ ୮ ଅଙ୍ଗୁଳ ଗୁଳି ବହଳ ଛାଡି ଛାଡି ଅଖରେ କାନ କିଳା ବିନ୍ଧ କରିବ । ମୁହାଣକୁ ଗୁଳି ନିଶ୍ୱାସ ୮ ଅଙ୍ଗୁଳ ଛାଡି ଧାରଣାରେ ଅଖର କାବିଳା କଣ୍ଠା ବିନ୍ଧ କରିବ । ମୁହାଣ ମଝାଲକୁ ୮ ଚଉଠ ୪ ଅଙ୍ଗୁଳ ଛାଡି ବଡ଼ ଅଖ କାବିଳା ବିନ୍ଧ ଧାରଣାରେ କରିବେ । ୧୦ ବାହି ପ୍ରକାରେ ଗୋଜଫୁଲି କରି ଜଳନ୍ତରିଆ ଖୋଜ ବିନ୍ଧ କରିବ । ଧାରଣା ବାହି ଉପରେ ଜିଆ ୮ ଚଉଠରେ ନାଇକା ବିନ୍ଧ କରିବ । ନାଇକା ପାଖ ଜଳନ୍ତରିଆ ଖୁଜ ୪ ଚଉଠ ୧୨ଅଙ୍ଗୁଳ ଉଚ ଖୁସି କରିବ । ଏଥି ଉପରେ ଛନ୍ଦା ପକାଇବ । ଚକଡା ଚାରିପାଖ ଧାରଣାକୁ ଛନ୍ଦାକୁ ଟୀକା କରିବ । ଧାରଣା ଉପରଠାରୁ ଜିଆ ମିଶି ନାଇକା ୧୪ ଚଉଠ ରଖି ଖୁସି କରିବ । ସିଂହାସନର ଉଚ ୧୨ ଅଙ୍ଗୁଳ କରିବ । ଜିଆ ବହଳ ୧୨ ଆଙ୍ଗୁଳ କରିବ । ଓସାର ୧ ଚଉଠା ନାଇକା ଉପରେ ୮ଚଉଠାଇ ଚଉତାଳ କରିବ । ପ୍ରଥମେ ଭୂଇଁ ଲଦିବ । ଭୂଇଁ ବହଳ ୫ ଅଙ୍ଗୁଳ ଫୁଲି ଠାରୁ ଭୂଇଁ ଅଁଳା, ୨ ଚଉଠ ୪ ଅଙ୍ଗୁଳ । ଭୂଇଁ ମଝାଲ ସୂତା ଠାରୁ ୨ ଅଙ୍ଗୁଳ ରଖି ଗୈ ହାଣିବ । ପାଖୁଡା ୩ ଚଉଠ ୪ ଅଙ୍ଗୁଳ, କୋଣ ପାଖୁଡା ୧ ଚଉଠ ୪ ଅଙ୍ଗୁଳ, ଫୁଲି ଠାରୁ ୧ ଚଉଠ ଲେଖା ଛାଡି ଦୁଇ ପାଖୁଡା ବସାଇବ । ଏହି ପରି ଚାରିପାଖେ ୧୬ ଗୋଟି ପାଖୁଡା ମାରିବ । ଫୁଲି ଠାରୁ ୧ ଚଉଠ ୨ ଅଙ୍ଗୁଳ ଲେଖାରେ ହଂସପାଦି ପକାଇ ୧ ଚଉଠ ଉଚ୍ଚରେ ଚଢେଇ ଖୋଜ ବସାଇବ । ଏଥି ଉପରେ ପାଖୁଡା ହଂସ ପାଦି ମାରିବ । ଚାରି ପାଖେ ହାରାମାଳି ମାରିବ । ଏଥି ଉପରେ ୬ ଚଉଠରେ ବିନ୍ଧ କରି ୮ ଅଙ୍ଗୁଳ ଛାଡି ଓରା ପକାଇବ । ଏହ ପରେ ୨ୟ ଭୂଇଁ, ୨ୟ ପାଖୁଡା ମାରିବ । ଏପରି ଚାରିଦିଗେ ୧୨ ପାଖୁଡା ମାରିବ । ତୃତୀୟ ପୁର ଭୂଇଁ ଚଉତାଳ ୬ ଚଉଠରେ ବସିବ । ପ୍ରଥମେ ପଟଳ ଲମ୍ବ ୮ ଚଉଠ,ରାହା କାଟଣ ଶେଷ ଠାରୁ ୧୪ ଅଙ୍ଗୁଳ ଉଚ୍ଚ, ୨ୟ ରାହା ମଧ୍ୟ ୧୨ ଅଙ୍ଗୁଳ ଉଚ୍ଚରେ କାଟଣ ହେବ । ଏହି ପରି ଚାରିପାଖ ପଟଳ କରିବ । ପ୍ରଥମ ସାତପୁର ପଟଳ ଉଚ୍ଚ ୨ ଚଉଠ, ସାତପୁରରେ କୋଣ ଓରା ପକାଇ ପଟଳ ଲଦିବ । ପଟଳ ଭୂଇଁ ଉପରଠାରୁ ବଡ଼ ଖୋଜ ମଧ୍ୟ ଚୌତାଳରେ ୨ ଚଉଠ ୧୨ ଅଙ୍ଗୁଳ ରଖି ବସାଇବ । ଏଥି ଉପରେ ପାରାଭାଡି ଭୂଇଁ ୩ ଚଉଠ ୮ଅଙ୍ଗୁଳରେ ଚଉତାଳ କରି ବସାଇବ । ପ୍ରଥମ ସାତପୁର ପଟଳ ଉପରେ ପଟଳ ଭୂଇଁ ଲଦା ହେବ । ୨ୟ ରାହା ୨ ଅଙ୍ଗୁଳ ଲେଖାରେ ପୁରକୁ ପୁର ସାତପୁର କାଟିବ । ୨ୟ ସାତପୁର ପଟଳ ୨ ଚଉଠ କରିବ । ଏଥି ଉପରେ ୧ ଚଉଠ ଉପରେ ମାଙ୍କଡ଼/ଛନ୍ଦା ଦୁଇଗୋଟି ଚଉତାଳ କରି ପକାଇବ । ଦଧିନଉତି ୨ ଚଉଠ ଉଚ୍ଚରେ ମାଙ୍କଡ଼ଛନ୍ଦା ଉପରେ କଳସ ଚକ୍ର ପତାକା ହେବ । କଳଶା ଶିଖା ଠାରୁ ପାରାଭାଡି ଭୂଇଁ ତଳ ପର୍ଯ୍ୟନ୍ତ ଦଧିନଉତି ଖୋଜ ହେବ । ରଥପାଦ ଦେଶରୁ ଶୀର୍ଷଦେଶ ପର୍ଯ୍ୟନ୍ତ ଥିବା ଅଂଶ ଗୁଡିକ ମଧ୍ୟରେ ଚକ, ଦଣ୍ଡି, ଅର, ବାଙ୍କି, ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗାଇପଟା, ସିଂହାସନ,କନକ ମୁଣ୍ଡେଇ, ଭୂମି,ଖୋଳ ନାହକ, ମଗରଦଣ୍ଡା, ବସନ୍ତ, ଦୁଆରଘୋଡା, ସାରଥୀ ପୀଢ଼,କୁମ୍ଭପଟି,ରାହୁପଟି,ଆଠ ନାହାକା, ପୀଢ଼, ଋଷିପଟା,ଦଣ୍ଡା, ପାରାଭାଡି, ଖପୁରୀ,ପାଦ, ଓଲଟ ଶୁଆ, ଦଧିନଉତି, କଣ୍ଡି, ଦଣ୍ଡ, ଚକ୍ର ଓ କେତନ । ଶିଳ୍ପ ଶାସ୍ତ୍ରାନୁଯାୟୀ ରଥର ଅଙ୍ଗ ଗୁଡିକୁ ସାଧାରଣତଃ ୧୩ଟି ମୂଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି । ଯଥା- (୧) ଚକ୍ରପୀଠ, (୨) ଅରଦଣ୍ଡା,(୩)ଗଗରା,(୪) ମୂଳନାଭ,(୫) ବରାଣ୍ଡି,(୬) ହଂସପଟା, (୭) ରଥଗର୍ଭ,(୮) ପାରାଭାଡି,(୯) କଳସ ପୀଠ, (୧୦) ଦଧିନଉତି, (୧୧) କର୍ଣ୍ଣଅଳା,(୧୨) ଧାତୁ କଳସ ଓ (୧୩) ଆୟୁଧ ଧ୍ୱଜା ।

ରଥଖଳାରେ ରଥ ନିର୍ମାଣ କାମ ପରମ୍ପରା ଅନୁସାରେ ପୁରୀରେ ପ୍ରତିବର୍ଷ ସମ୍ପୂର୍ଣ୍ଣ ଭାବେ ନୂଆ କାଠରେ ରଥ ତିଆରି କରାଯାଏ । ରଥଯାତ୍ରା ପରେ ରଥଗୁଡ଼ିକୁ ଭାଙ୍ଗି ଦେଇ, କାଠଗୁଡ଼ିକୁ ମନ୍ଦିର ରୋଷଘରେ ବ୍ୟବହାର କରାଯାଉଥିଲା, ୨୦୧୨ ମସିହାଠାରୁ ରଥର କିଛି ଅଂଶକୁ ବିକ୍ରି କରାଯାଉଛି । ସାମ୍ୟ ମୈତ୍ରୀର ପ୍ରତୀକ ଶ୍ରୀଜଗନ୍ନାଥ ମହାପ୍ରଭୁ ଯେଉଁ ରଥରେ ବିରାଜମାନ କରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବ ଦିନ ଯାତ୍ରା କରନ୍ତି, ସେ ରଥର ନାମ ନନ୍ଦିଘୋଷ । ସେହି ପରି ଶ୍ରୀବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ ଓ ଶ୍ରୀସୁଭଦ୍ରାଙ୍କ ରଥର ନାମ ଦେବଦଳନ, ଦର୍ପଦଳନ ବା ପଦ୍ମଧ୍ୱଜ । ସମ୍ପ୍ରତି ପରମ୍ପରା ଅନୁଯାୟୀ ଶ୍ରୀନଅର ସମ୍ମୁଖସ୍ଥ ରଥଖଳାରେ ନୂତନ ଭାବେ ତୋନୋଟି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏ ବାବଦରେ ବିଭିନ୍ନ କାର୍ଯ୍ୟ ରାଜ୍ୟ ତଥା ଜିଲ୍ଲା ପ୍ରଶାସନ, ବିଧି ବିଭାଗ, ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ପ୍ରଶାସନ ଓ ପୌର ପ୍ରଶାସନ ତରଫରୁ ମିଳିତ ଭାବେ ସମ୍ପାଦିତ ହୋଇଥାଏ । ରଥ ନିର୍ମାଣ ତଥା ରଥଯାତ୍ରାର ପ୍ରଥମ ଶୁଭାରମ୍ଭ ହୋଇଥାଏ ସରସ୍ୱତୀ ପୂଜା ଶ୍ରୀପଞ୍ଚମୀ ତିଥି ଠାରୁ । କେତେକ ନିର୍ଦ୍ଦିଷ୍ଟ ତିଥିରେ ତିନି ରଥମାନଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଯଥା - ଶ୍ରୀପଞ୍ଚମୀ ଦିନ ରଥକାଠ ପୁରୀରେ ପହଞ୍ଚିବା ସଙ୍ଗେ ସଙ୍ଗେ ଅନୁକୂଳ ନୀତି ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ହୋଇଥାଏ । ଶ୍ରୀରାମ ନବମୀ ଦିନ ରଥକାଠ ଚିରା କାର୍ଯ୍ୟର ଅନୁକୂଳ ମନୋନୀତ କରତ କଳରେ ହୋଇଥାଏ । ଅକ୍ଷୟ ତୃତୀୟା ଦିନ ତିନି ରଥ ଶୁଭାରମ୍ଭ କାର୍ଯ୍ୟର ଅନୁକୂଳ ହୋଇଥାଏ । ଉକ୍ତଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଅନ୍ୟାନ୍ୟ ଶୋଭ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା ରଥ ନିର୍ମାଣ ଉପଲକ୍ଷେ ଶୁଭାରମ୍ଭ କାର୍ଯ୍ୟ ଯଜ୍ଞ ଓ ଆନୁସଙ୍ଗିକ ପୂଜା, ନୀତି ଇତ୍ୟାଦି ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ପୂଜାପଣ୍ଡା ତିନି ରଥ ନିର୍ମାଣର ଅନୁକୂଳ ନିମନ୍ତେ ଅଜ୍ଞାମାଳ ପ୍ରଦାନ କରିଥାନ୍ତି । ଏଠାରେ ବିଶ୍ୱକର୍ମା ମହାରଣା, ରୂପକାର , ଭୋଇ ଇତ୍ୟାଦି ସେବକମାନେ ଶାଢୀ ବନ୍ଧାଇ ଥାନ୍ତି । ଏହା ପରେ ନୃସିଂହ ଚତୁର୍ଦ୍ଦଶୀ ଦିନ ଗୁଜ ଅନୁକୂଳ, ଶ୍ରୀକ୍ଷେତ୍ର ଭଉଁରୀ ଦିନ ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଚକ ଡେରା ହୋଇଥାଏ ଓ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସି ଏହା ଉପରେ ଲାଗି କରାଯାଇଥାଏ । ଦେବସ୍ନାନ ପୂର୍ଣ୍ଣିମା ଦିନ ପ୍ରତି ରଥର ଚାରିନାହାକା ଡେରା ଅନୁକୂଳ ଓ ନେତ୍ରୋତ୍ସବ ଦିନ (ରଥଯାତ୍ରା ପୂର୍ବଦିନ) ଅପରାହ୍ନ ସୁଦ୍ଧା ତିନିଟି ଯାକ ରଥ ସୁସଜ୍ଜିତ ହୋଇ ଶ୍ରୀନଅର ସ୍ଥିତ ରଥଖଳାରୁ ଟଣା ହୋଇ ସିଂହଦ୍ୱାର ସମ୍ମୁଖରେ ରଖାଯାଏ । ବହୁ ପ୍ରାଚୀନ ସମୟରୁ ମହାପ୍ରଭୁମାନଙ୍କର ରଥ ନିର୍ମାଣ ନିମନ୍ତେ ନୟାଗଡ଼, ଖୋର୍ଦ୍ଧା, ଦଶପଲ୍ଲା, ରଣପୁର ଇତ୍ୟାଦି ଜଙ୍ଗଲରୁ ଆବଶ୍ୟକୀୟ କାଠ ନଦୀ ମାଧ୍ୟମରେ ପୁରୀକୁ ଆସୁଥିଲା । ଏହି କାଠସବୁ ନଦୀରେ ଭେଳା କରି ଅଣାଯାଉଥିଲା । ପୁରୀ ଠାରୁ ୧୦କି.ମି ଦୂର ମାଳତିପାଟପୁର ନିକଟସ୍ଥ କାଠ ପୋଲ ଠାରୁ ଏହି କାଠଗୁଡିକ ଶଗଡ଼ରେ ବୁହା ଯାଉଥିଲା । ପୁରୀରେ ପ୍ରତିଷ୍ଠିତ କେତେକ ମଠ ରଥକାଠ ବୁହାଯିବା ପାଇଁ ଶଗଡ଼ମାନ ଯୋଗାଉଥିଲେ । ଏହି ପରମ୍ପରା ବହୁ ବର୍ଷ ଧରି ଲୁପ୍ତ ହୋଇଯାଇଅଛି । ସମ୍ପ୍ରତି ପରିବହନ ମାର୍ଗର ସୁବିଧା ଦୃଷ୍ଟିରୁ ଟ୍ରକ ଯୋଗେ ଏହି କାଠ ଆସି ପୁରୀ ବଡ଼ଦାଣ୍ଡ ତଥା ରଥଖଳାଠାରେ ରଖାଯାଉଛି । ତେବେ ପ୍ରଭୁ ଜଗନ୍ନାଥ ଙ୍କ ଲୀଳା ମଣିଷ ଅଗୋଚର, ତାଙ୍କ ବିଷୟରେ ଗବେଷଣା ଆହୁରି ରହସ୍ୟ ଯୁକ୍ତ । ଛାର ମାନବ କଣ ବା ଜାଣିବ ମହାପ୍ରଭୁଙ୍କ ମହା ଲୀଳା ।

ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଜୟ ଜଗନ୍ନାଥ

(ସମାପ୍ତ)

+ଅରଙ୍ଗାବାଦ୍ , ବରୀ , ଯାଜପୁର
ମୋ- ୮୨୪୯୫୦୨୭୭୬

ଥଣ୍ଡା ରଖିବ, ବିଜୁଳି ବଞ୍ଚାଇବ ଅତ୍ୟାଧୁନିକ ରଙ୍ଗ

ସଂପ୍ରତି ଗବେଷକମାନେ ଏକ ନୂତନ ଧରଣର ରଙ୍ଗ ବିକଶିତ କରିଛନ୍ତି, ଯାହା ଗରମ ଦିନରେ କାନ୍ଥରୁ ‘ଝାଳ’ ସଦୃଶ ଜଳବିନ୍ଦୁ ବାହାର କରି ଘରକୁ ଥଣ୍ଡା ରଖିବ। ‘ସିସିପି-୩୦’ ନାମକ ରାସାୟନିକ ପଦାର୍

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୪

୨୮ ଜୁନ ୨୦୨୫, ଶନିବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ମୋଦୀଙ୍କ ସାଇପ୍ରସ ଗସ୍ତ ଓ ତୁର୍କୀକୁ ବାର୍ତ୍ତା

ଡ.ସମନ୍ୱୟ ନନ୍ଦ

ପ୍ରଧାନମନ୍ତ୍ରୀ ଗତ କିଛି ଦିନ ତଳେ ଭୂମଧ୍ୟସାଗର ଅଂଚଳରେ ଥିବା ଦ୍ୱୀପ ଦେଶ ସାଇପ୍ରସ ଗସ୍ତ କରିଥିଲେ । ଏହି ଅଂଚଳ ଗୁଡିକରେ ଭାରତର କଣ ଭୂ ରଣନୈତିକ ସ୍ୱାର୍ଥ ରହିଛି ? ଏହି ଛୋଟ ଦେଶକୁ ଗସ୍ତ କରିବାର ଉଦ୍ଦେଶ୍ୟ କଣ ଥିଲା ? ଏହା ଦ୍ୱାରା ଭାରତ କଣ ବାର୍ତ୍ତା ଦେବାକୁ ଚାହୁଁଥିଲା ? ଏହି ସବୁ ବିନ୍ଦୁ ଉପରେ ଏହି ଲେଖାରେ ଆଲୋଚନା କରିବା ।

ତୁର୍କୀର ରାଷ୍ଟ୍ରପତି ଏର୍ଦୋଗାନ ଗତ କିଛି ବର୍ଷ ହେଲା ମୁସଲମାନ ମାନଙ୍କର ଖଲି' । ହେବାର ସ୍ୱପ୍ନରେ ବିଭୋର ଅଛନ୍ତି । ତୁର୍କୀର ପୂର୍ବବର୍ତ୍ତୀ ଶାସକ ଆତାତୁର୍କ ତୁର୍କୀକୁ ଇସଲାମୀ କଟ୍ଟରତାରୁ ଦୂର କରି ସେକୁଲାର ଦେଶ କରିବାକୁ ଯେଉଁ ପଦକ୍ଷେପ ମାନ ନେଇଥିଲେ ତାକୁ ବଦଳାଇ ଏର୍ଦୋଗାନ ପୁଣି ଥରେ ତୁର୍କୀକୁ ମଧ୍ୟକାଳୀନ ଇସଲାମୀ ଦେଶରେ ପରିବର୍ତ୍ତନ କରି ସାରା ବିଶ୍ୱର ମୁସଲମାନ ମାନଙ୍କର ନେତୃତ୍ୱ କରିବାର ସ୍ୱପ୍ନ ଦେଖୁଛନ୍ତି । ଏଥିରେ ମଧ୍ୟ ଭାରତକୁ କୌଣସି ପ୍ରକାର ଆପତ୍ତି ନ ଥିଲା । ହେଲେ ଏର୍ଦୋଗାନ ଏତିକିରେ ସୀମିତ ରହି ନାହାନ୍ତି । ସେ ମିଳିତ ଜାତିସଂଘ ପରି ଅନ୍ୟ ବୈଶ୍ୱିକ ମଂଚ ଗୁଡିକର ପ୍ରୟୋଗ ବିଶେଷ ଭାବେ ଜାମ୍ମୁ କାଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ବିରୁଦ୍ଧରେ କରି ଆସୁଛନ୍ତି । ପାକିସ୍ତାନ ସହ ମିଳିତ ସୈନ୍ୟ ଅଭ୍ୟାସ ହେଉ ବା ଇସଲାମିକ ସହଯୋଗ ସଂଗଠନରେ ପାକିସ୍ତାନକୁ ସମର୍ଥନ ପ୍ରଦାନ କରିବା ହେଉ, ତୁର୍କୀର ଆଭିମୁଖ୍ୟ ଭାରତ ବିରୋଧରେ ଅଧିକ ଆକ୍ରମଣାତ୍ମକ ହୋଇଛି । ତୁର୍କୀ ପାକିସ୍ତାନର ରଣନୈତିକ ଉଦ୍ଦେଶ୍ୟକୁ ସମର୍ଥନ କରିବାରେ କେବଳ ବକ୍ତବ୍ୟ ଦେବା ଯାଏ ସୀମିତ ହୋଇ ରହି ନାହିଁ ବରଂ ପାକିସ୍ତାନ ସହ ପ୍ରତିରକ୍ଷା ସହଯୋଗ ମଧ୍ୟ ଦେବା ସ୍ପଷ୍ଟ ହୋଇଛି । ଗତ ଅପରେସନ ସିନ୍ଦୁରରେ ଏହାର ପ୍ରମାଣ ମଧ୍ୟ ଦେଖିବାକୁ ମିଳିଛି ।

ତେଣୁ ଭାରତର ପ୍ରତିକ୍ରିୟା ତୁର୍କୀକୁ ନେଇ ଏଥର କଠୋର ହୋଇଛି । ତେବେ ଭାରତର ପ୍ରତିକ୍ରିୟାକୁ ଭାବନାତ୍ମକ କିମ୍ବା ତ୍ୱରିତ ପ୍ରତିକ୍ରିୟା ବୋଲି କୁହାଯାଇ ପାରିବ ନାହିଁ ବରଂ ଭାରତର ପ୍ରତିକ୍ରିୟାକୁ ଅତ୍ୟନ୍ତ ଭାବି ଚିନ୍ତି ଓ ରଣନୈତିକ ବିଚାରକୁ ନେଇ ବୋଲି କୁହାଯାଇ ପାରିବ । ତୁର୍କୀ ସହ ପ୍ରତ୍ୟକ୍ଷ ଉତ୍ତେଜନା ବଢାଇବା ପରିବର୍ତ୍ତେ ଭାରତ ସେହି ଦେଶ ମାନଙ୍କ ସହ ଦୀର୍ଘକାଳୀନ ସମ୍ପର୍କକୁ ମଜବୁତ କରିବା ଦିଗରେ ପଦକ୍ଷେପ ନେଉଛି, ଯେଉଁ ଦେଶ ମାନେ ତୁର୍କୀର ଆଂଚଳିକ ମହତ୍ୱାକାଂକ୍ଷା କାରଣରୁ ନିଜକୁ ବିପଦରେ ବୋଲି ଅନୁଭବ କରିଥାନ୍ତି । ଯେପରିକି ଗ୍ରୀସ, ଆର୍ମେନିଆ, ଇଜିପ୍ଟ ଓ ଏବେ ସାଇପ୍ରସ ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାଇପ୍ରସର ଐତିହାସିକ ଯାତ୍ରା କେତେ ଗୁରୁତ୍ୱପୂର୍ଣ ତାହା ବୁଝିବା ପୂର୍ବରୁ ତୁର୍କୀ ଓ ସାଇପ୍ରସ ମଧ୍ୟରେ ଥିବା ବିବାଦର ଇତିହାସର ପୃଷ୍ଠଭୂମି ଉପରେ ଦୃଷ୍ଟି ପକାଇବା ଉଚିତ ହେବ । ୧୯୭୪ ମସିହାରେ ସାଇପ୍ରସରେ ଶାସନ ପରିବର୍ତ୍ତନ ପାଇଁ ପଡୋଶୀ ଗ୍ରୀସ ସେନାର ସହାୟତାରେ ଏକ ବିଫଳ ସୈନ୍ୟ ଉଦ୍ୟମ ହୋଇଥିଲା । ଏହି ସମୟରେ ତୁର୍କୀ ଉତ୍ତର ସାଇପ୍ରସ ଉପରେ ଆକ୍ରମଣ କରି ଦେଇଥିଲା ଓ କିଛି ଅଂଚଳକୁ ଅଧିକାର କରି ନେଇଥିଲା । ଯଦିଓ ପରେ ସାଇପ୍ରସରେ ସ୍ଥିତି ସାମାନ୍ୟ ହୋଇଯାଇଥିଲା ଓ ଆଇନଗତ ଭାବେ ସେଠାରେ ସରକାର ଗଠିତ ହୋଇଥିଲା, ହେଲେ ତୁର୍କୀ ଉକ୍ତ ଅଂଚଳରୁ ସେନାକୁ ପ୍ରତ୍ୟାହାର କରି ନ ଥିଲା । ତେଣୁ ତୁର୍କୀ ଆଜି ମଧ୍ୟ ସାଇପ୍ରସର ଏକ ତୃତୀୟାଂଶ ଭୂମି ଉପରେ କବ୍ଜା କରି ବସିଛି ଓ ସେଠାରେ ସ୍ୱୟଂଘୋଷିତ ଉତ୍ତର ସାଇପ୍ରସ ତୁର୍କୀ ଗଣରାଜ୍ୟକୁ ସମର୍ଥନ ଦେଉଛି । ଏହାକୁ ତୁର୍କୀ ବ୍ୟତୀତ ଅନ୍ୟ କେଉଁ ଦେଶ ମାନ୍ୟତା ଦେଇ ନାହାନ୍ତି ।

ଏଠାରେ ଆଉ ଏକ କଥା ଉଲ୍ଲେଖ କରିବା ଉଚିତ ହେବ ଯେ ଏହି କବ୍ଜା କେବଳ ରାଜନୈତିକ ନୁହେଁ ବରଂ ଏହାର ଗୁରୁତର ସାମରିକ ଓ ଆର୍ଥିକ ପ୍ରଭାବ ମଧ୍ୟ ରହିଛି । ତୁର୍କୀ ବାରମ୍ବାର ସାଇପ୍ରସର ସ୍ୱତନ୍ତ୍ର ଆର୍ଥିକ ଜୋନକୁ ଚ୍ୟାଲେଂଜ କରୁଥିବା ଦେଖିବାକୁ ମିଳୁଛି। ଏହା ବାଦ ତୁର୍କୀ ବାରମ୍ବାର ବିବାଦୀୟ ଜଳ ସୀମାରେ ନିଜର ଜାହାଜ ପଠାଉଛି ଓ ଆନ୍ତର୍ଜାତିକ ସାମୁଦ୍ରିକ ଆଇନକୁ ଉଲ୍ଲଂଘନ କରୁଛି ।

ତେଣୁ ଦେଖିବାକୁ ଗଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଭଳି ଏକ କ୍ଷୁଦ୍ର ଦ୍ୱୀପ ଦେଶକୁ ଯାତ୍ରା କେବଳ ଦ୍ୱିପାକ୍ଷିକ କୂଟନୈତିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା କିଛି ଅଂଚଳକୁ ଅନ୍ୟ ଦେଶ ଦ୍ୱାରା ଅଧିକାର କରାଯାଇଥିବା ଦେଶ ସହ ଠିଆ ହେବା ପ୍ରତୀକାତ୍ମକ ଓ ରଣନୈତିକ ବାର୍ତ୍ତା ଅଟେ । ଭାରତ ଏହି ବାର୍ତ୍ତା ସ୍ପଷ୍ଟ ଶବ୍ଦରେ ଦେଇଛି ଯେ ତୁର୍କୀର ପ୍ରତ୍ୟକ୍ଷ ବିରୋଧୀ ସହ ଭାରତ ତାର ପ୍ରଗାଢତା ବଢାଉଛି ।

ସାଇପ୍ରସ ବିଷୟରେ ଯଦି ଆମେ ଦେଖିବା ତେବେ ପାଇବା ଯେ ବିଭିନ୍ନ ଆନ୍ତର୍ଜାତିକ ମଂଚରେ ସେ ସବୁବେଳେ ଭାରତର ସମର୍ଥନ କରି ଆସୁଛି । ୧୯୯୮ ମସିହାରେ ଭାରତରେ ପରମାଣୁ ପରୀକ୍ଷଣ ହେଉ ବା ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ଭାରତକୁ ସ୍ଥାୟୀ ସଦସ୍ୟତାର ପ୍ରଦାନ କରିବାର ବିଷୟ ହେଉ ସାଇପ୍ରସ ସବୁବେଳେ ଭାରତର ସମର୍ଥନ କରି ଆସିଛି । କାଶ୍ମୀରକୁ ନେଇ ସେ କେବେ ହେଲେ ତୁର୍କୀ ଭଳି ଇସଲାମୀ ଦେଶ ମାନଙ୍କର ଆଭିମୁଖ୍ୟକୁ ସମର୍ଥନ କରି ନାହିଁ। ଭାରତ ମଧ୍ୟ ପ୍ରତି ବଦଳରେ ସାଇପ୍ରସର କ୍ଷେତ୍ରୀୟ ଅଖଣ୍ଡତାର ସମ୍ପୂର୍ଣ ସମର୍ଥନ କରିଛି ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଯାତ୍ରା ସାଇପ୍ରସ ସହ ଏହି ପୁରୁଣା ବିଶ୍ୱାସଯୋଗ୍ୟ ସମ୍ପର୍କକୁ ଏକ ନୂଆ ରଣନୈତିକ ଭାଗିଦାରୀରେ ପରିବର୍ତ୍ତିତ କରୁଛି । ଏଥିରେ ଶକ୍ତି, ଡିଜିଟାଲ କରିଡର, ସାମୁଦ୍ରିକ ସୁରକ୍ଷା ଓ ପ୍ରତିରକ୍ଷା ଭଳି କ୍ଷେତ୍ରରେ ସହଯୋଗ ପାଇଁ ବାଟ ସୃଷ୍ଟି ହୋଇଛି ।

ଏଠାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବା ଉଚିତ ହେବ ଯେ ଭାରତ ଏହି ଅଂଚଳରେ ତୁର୍କୀକୁ ଘେରାବନ୍ଦୀ କରିବା ଦିଗରେ ପୂର୍ବରୁ ହିଁ କାମ କରୁଛି । ତୁର୍କୀର ବିରୋଧୀ ଦେଶମାନଙ୍କ ଭାରତ ତାର ସମ୍ପର୍କକୁ ନିବିଡ କରିବାରେ ଲାଗିଛି । ସାଇପ୍ରସର ପଡୋଶୀ ଦେଶ ଆର୍ମେନିଆ ସହ ଏହି ପ୍ରତିରକ୍ଷା ଭଳି କ୍ଷେତ୍ରରେ ଭାରତ ପୂର୍ବରୁ ହିଁ ସକ୍ରିୟ ଭୂମିକା ନିର୍ବାହ କରୁଛି । ଆର୍ମେନିଆ ମଧ୍ୟ ତୁର୍କୀର ଶତ୍ରୁ ଦେଶ ଓ ଘୋର ବିରୋଧୀ । ୨୦୨୩ ମସିହାରେ ଭାରତ ଆର୍ମେନିଆକୁ ଡ୍ରୋନ, କ୍ଷେପଣାସ୍ତ୍ର ପ୍ରଣାଳୀ ଓ ତଦାରଖ ପ୍ରଯୁକ୍ତି ବିଦ୍ୟା ଭଳି କ୍ଷେତ୍ରରେ ପ୍ରତିରକ୍ଷା ରପ୍ତାନୀ ବଢାଇଛି । ଏହା ବ୍ୟତୀତ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଗ୍ରୀସ ଗସ୍ତରେ ମଧ୍ୟ ଯାଇଥିଲା । ଗ୍ରୀସ ମଧ୍ୟ ତୁର୍କୀର ବିରୋଧୀ ଭାବେ ଜଣାଶୁଣା । ଆର୍ମେନିଆ, ଗ୍ରୀସ ଓ ଏବେ ସାଇପ୍ରସ ଗସ୍ତ କରି ସେମାନଙ୍କର ସହ ରଣନୈତିକ ଭାଗିଦାରୀ ବଢାଇ ଭାରତ ତୁର୍କୀକୁ ତାର ନିଜ ଅଂଚଳରେ ଘେରାବନ୍ଦୀ କରିବାର ରଣନୀତିରେ କାର୍ଯ୍ୟ କରୁଛି ।

ଭାରତର ଭାବମୂର୍ତ୍ତିକୁ ବୈଶ୍ୱିକ ସ୍ତରରେ ଦୁର୍ବଳ କରିବାକୁ ସତତ ଚେଷ୍ଟିତ ତୁର୍କୀର ଏର୍ଦୋଗାନଙ୍କୁ ଭାରତୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସାଇପ୍ରସ ଗସ୍ତ ଏକ ସ୍ପଷ୍ଟ ଓ ସନ୍ତୁଳିତ ବାର୍ତ୍ତା ପ୍ରଦାନ କରୁଛି । ଭାରତ ଏବେ ଆଉ ତୁର୍କୀର ଏଭଳି ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ ଉପରେ ନିଷ୍କ୍ରିୟ ରହିବ ନାହିଁ । ଏବେ ଭାରତ ତୁର୍କୀର ନିଜ ଅଂଚଳରେ ଥିବା ବିରୋଧୀ ଦେଶ ମାନଙ୍କ ସହ ନିଜର ସମ୍ପର୍କକୁ ଦୃଢ କରିବ, ଦୀର୍ଘକାଳୀନ, ଆର୍ଥିକ ଓ ରଣନୈତିକ ଭାଗିଦାରୀକୁ ସୁଦୃଢ କରିବ । ତାଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ ।

ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଯାତ୍ରାକୁ ଏହି କାରଣରୁ ଐତିହାସିକ କୁହାଯାଇ ପାରେ ଯେ ଏହି ଯାତ୍ରାର ଟାଇମିଂ ସଠିକ ହୋଇଛି ଓ ଏହି ଯାତ୍ରା ଦ୍ୱାରା ବାର୍ତ୍ତା ମଲ୍ଟି ଡାଇମେନସନାଲ ଅର୍ଥାତ ବହୁ ଆୟାମୀ ପ୍ରଦାନ କରାଯାଇଛି । ଭାରତ ଭୂମଧ୍ୟସାଗରୀୟ ଅଂଚଳରେ ତାର ସହଯୋଗୀ ଦେଶ ମାନଙ୍କ ସହ ସହଯୋଗକୁ ଶକ୍ତିଶାଳୀ କରିବାସହ ୟୁରୋପୀୟ କରିଡୋରରେ ତାର ଉପସ୍ଥିତିକୁ ପୁଣି ସ୍ଥାପିତ କରିଛି । ବର୍ତ୍ତମାନ ବିଶ୍ୱରେ କୂଟନୀତି ଉଚ୍ଚ ସ୍ୱରରେ ନୁହେଁ ବରଂ ସୂକ୍ଷ୍ମ ସଂକେତରେ କୁହାଯାଇଥାଏ । ଯଦି ଏହି ଦୃଷ୍ଟିକୋଣରୁ ଦେଖିବା ତେବେ ମୋଦୀଙ୍କ ସାଇପ୍ରସ ଯାତ୍ରା କୂଟନୈତିକ ସଂଚାର କ୍ଷେତ୍ରରେ ଏକ ମାଷ୍ଟର ଷ୍ଟ୍ରୋକ ବୋଲି କୁହାଯାଇ ପାରିବ । ଏଥିରେ ଇତିହାସ, ଶକ୍ତି, ରାଜନୀତି, ପ୍ରତିରକ୍ଷା ସହଯୋଗ ଓ ଭୂରାଜନୈତିକ ବାର୍ତ୍ତା ସ୍ପଷ୍ଟ ଭାବେ ପ୍ରଦାନ କରାଯାଉଛି ।

ପ୍ରଧାନମନ୍ତ୍ରୀ ମୋଦୀ ଓ ଭାରତର ବାର୍ତ୍ତା ଅତ୍ୟନ୍ତ ସ୍ପଷ୍ଟ । ଭାରତ କେବଳ ଯେ ପୂର୍ବ ଭୂମଧ୍ୟ ସାଗର ଉପରେ ଦୃଷ୍ଟି ରଖୁ ନାହିଁ ବରଂ ଏଠାରେ ସକ୍ରିୟତାର ସହ କାମ କରିବାକୁ ଯାଉଛି । ସାଇପ୍ରସ ଓ ଅନ୍ୟ ଦେଶମାନଙ୍କୁ ବିଶ୍ୱାସଯୋଗ୍ୟ ସହଯୋଗୀ ଭାବେ ଗ୍ରହଣ କରି କାମ କରିବାକୁ ଚାହୁଁଛି ଓ ଏହା ସହ ତୁର୍କୀକୁ ପ୍ରତ୍ୟକ୍ଷ ଚେତାବନୀ ମଧ୍ୟ ଏହି ଯାତ୍ରା ଜରିଆରେ ଦିଆଯାଇଛି ।

ସଂଘର୍ଷର ନିଆଁରେ ଜଳୁଥିବା ମାନବିକତା ଓ କ୍ଷୁଧାର କରାଳ ଛାୟା

ଏକବିଂଶ ଶତାବ୍ଦୀର ଏହି ସମୟରେ ଯେତେବେଳେ ମାନବ ସଭ୍ୟତା କୃତ୍ରିମ ବୁଦ୍ଧିମତା, ମହାକାଶ ପର୍ଯ୍ୟଟନ ଏବଂ ବୈଷୟିକ ପ୍ରଗତିର ଚରମ ସୀମାରେ ପହଞ୍ଚିବାକୁ ଦାବି କରୁଛି, ସେତେବେଳେ ପୃଥିବୀର ଅନ୍ୟ ଏକ କୋଣରେ ଏକ ଅତି କରୁଣ ଏବଂ ହୃଦୟବିଦାରକ ବାସ୍ତବତା ମୁଣ୍ଡ ଟେକିଛି । ବିଶ୍ୱବ୍ୟାଙ୍କର ଏକ ସଦ୍ୟତମ ରିପୋର୍ଟ, ଯାହାକୁ ଅଗ୍ରଣୀ ଆନ୍ତର୍ଜାତୀୟ ଗଣମାଧ୍ୟମ ପ୍ରମୁଖତାର ସହ ପ୍ରକାଶ କରିଛି, ତାହା ସମଗ୍ର ବିଶ୍ୱର ବିବେକକୁ ଦୋହଲାଇ ଦେବା ଭଳି । ଏହି ରିପୋର୍ଟ ଅନୁଯାୟୀ, ବିଶ୍ୱର ବିଭିନ୍ନ ସଂଘର୍ଷପ୍ରବଣ ଅଞ୍ଚଳରେ ବଢ଼ିଚାଲିଥିବା ଦାରିଦ୍ର୍ୟ କାରଣରୁ ପ୍ରାୟ ଏକ ବିଲିୟନ ବା ଶହେ କୋଟି ଲୋକ ଭୋକିଲା ରହିବାକୁ ବାଧ ହେଉଛନ୍ତି । ଏହି ପରିସଂଖ୍ୟାନ କେବଳ ଏକ ଆକଳନ ନୁହେଁ, ବରଂ ଏହା ମାନବିକତାର ସାମୂହିକ ବିଫଳତାର ଏକ ନିର୍ମମ ଚିତ୍ର । ଯୁଦ୍ଧ ଏବଂ ସଂଘର୍ଷ କିପରି କେବଳ ରାଜନୈତିକ ସୀମା ବଦଳାଏ ନାହିଁ ବରଂ କୋଟି କୋଟି ନିରୀହ ଜନତାଙ୍କ ଜୀବନରୁ ଜୀବିକା, ଖାଦ୍ୟ ଏବଂ ସ୍ୱପ୍ନ ଛଡ଼ାଇ ନିଏ, ତାହାର ଏହା ଏକ ଜ୍ୱଳନ୍ତ ଉଦାହରଣ ।

ସଂଘର୍ଷ ଏବଂ ଦାରିଦ୍ର୍ୟ ମଧ୍ୟରେ ଥିବା ସମ୍ପର୍କ ଏକ ଅନ୍ତଃହୀନ ସମସ୍ୟା ଭଳି । ଯୁଦ୍ଧ କେବଳ ବନ୍ଧୁକ, ଗୁଳି ଓ ବୋମାର ବିସ୍ଫୋରଣ ମଧ୍ୟରେ ସୀମିତ ରହେ ନାହିଁ, ଏହା ଏକ ଦେଶ ବା ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗିଦିଏ । ଯେତେବେଳେ କୌଣସି ସ୍ଥାନରେ ସଂଘର୍ଷ ଆରମ୍ଭ ହୁଏ, ସର୍ବପ୍ରଥମେ କୃଷି ବ୍ୟବସ୍ଥା ଧ୍ୱଂସ ହୋଇଯାଏ । ଚାଷ ଜମିଗୁଡ଼ିକ ଯୁଦ୍ଧକ୍ଷେତ୍ରରେ ପରିଣତ ହୁଏ, ବଜାର ବନ୍ଦ ହୋଇଯାଏ ଏବଂ ଖାଦ୍ୟ ଯୋଗାଣ ଶୃଙ୍ଖଳା ସମ୍ପୂର୍ଣ୍ଣ ଛିନ୍ନଭିନ୍ନ ହୋଇପଡ଼େ । ଲକ୍ଷ ଲକ୍ଷ ଲୋକ ନିଜର ଘରଦ୍ୱାର, ଜୀବିକା ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ବାଧ ହୁଅନ୍ତି । ଏହି ବିସ୍ଥାପନର ଯନ୍ତ୍ରଣା ସେମାନଙ୍କୁ ଦାରିଦ୍ର୍ୟର ଅତଳ ଗହ୍ୱରକୁ ଠେଲିଦିଏ । ସ୍କୁଲ, ହସ୍ପିଟାଲ, ରାସ୍ତାଘାଟ ଭଳି ମୌଳିକ ଭିତ୍ତିଭୂମି ନଷ୍ଟ ହେବା ଫଳରେ ଗୋଟିଏ ପିଢ଼ିର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ । ଅର୍ଥନୀତି ଭୁଶୁଡ଼ି ପଡ଼େ, ମୁଦ୍ରାସ୍ଫୀତି ଆକାଶଛୁଆଁ ହୁଏ ଏବଂ ସାଧାରଣ ଲୋକଙ୍କ ପାଇଁ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ଯୋଗାଡ଼ କରିବା ମଧ୍ୟ ଅସମ୍ଭବ ହୋଇପଡ଼େ । ୟେମେନ, ସିରିଆ, ଦକ୍ଷିଣ ସୁଦାନ, ଆଫଗାନିସ୍ତାନ ଠାରୁ ଆରମ୍ଭ କରି ୟୁକ୍ରେନ ଓ ଗାଜା ପର୍ଯ୍ୟନ୍ତ, ପ୍ରତ୍ୟେକ ସଂଘର୍ଷ କ୍ଷେତ୍ରରେ ଏହି ସମାନ କରୁଣ କାହାଣୀ ଦୋହରା ଯାଉଛି ।

ବିଶ୍ୱ ବ୍ୟାଙ୍କର ପୂର୍ବାନୁମାନ ଆହୁରି ଚିନ୍ତାଜନକ । ରିପୋର୍ଟରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଯଦି ଏହି ଧାରା ଜାରି ରହେ, ତେବେ ୨୦୩୦ ସୁଦ୍ଧା ବିଶ୍ୱର ପ୍ରାୟ ଦୁଇ-ତୃତୀୟାଂଶ ଚରମ ଦରିଦ୍ର ଲୋକ ଏହିଭଳି ଅସ୍ଥିର ଏବଂ ସଂଘର୍ଷପ୍ରବଣ ଅଞ୍ଚଳରେ ବାସ କରୁଥିବେ । ଏହା ଏକ ବିଡ଼ମ୍ବନା ଯେ, ଯେଉଁ ସମୟରେ 'ସତତ ବିକାଶ ଲକ୍ଷ୍ୟ' (SDG) ମାଧ୍ୟମରେ ବିଶ୍ୱରୁ ଦାରିଦ୍ର୍ୟ ଓ କ୍ଷୁଧା ଦୂର କରିବାକୁ ଆମେ ସଂକଳ୍ପବଦ୍ଧ, ସେହି ସମୟରେ ମାନବକୃତ ସଂଘର୍ଷ ଏହି ଲକ୍ଷ୍ୟଗୁଡ଼ିକୁ ଉପହାସ କରୁଛି । କେତେକ କ୍ଷେତ୍ରରେ କ୍ଷୁଧାକୁ ଏକ ଯୁଦ୍ଧାସ୍ତ୍ର ଭାବରେ ମଧ୍ୟ ବ୍ୟବହାର କରାଯାଉଛି, ଯେଉଁଠି ଖାଦ୍ୟ ସାମଗ୍ରୀ ଓ ମାନବୀୟ ସହାୟତାକୁ ଏକ ନିର୍ଦ୍ଦିଷ୍ଟ ଜନଗୋଷ୍ଠୀ ପାଖରେ ପହଞ୍ଚିବାକୁ ଦିଆଯାଉନାହିଁ । ଏହା କେବଳ ଅମାନବୀୟ ନୁହେଁ ବରଂ ଏକ ଭୟଙ୍କର ଯୁଦ୍ଧ ଅପରାଧ । ମା' କୋଳରେ ଶିଶୁର ଭୋକିଲା କାନ୍ଦ, ଖାଦ୍ୟ ଅଭାବରୁ ପୁଷ୍ଟିହୀନତାରେ ପୀଡ଼ିତ ଶରୀର ଏବଂ ଗୋଟିଏ ରୁଟି ପାଇଁ ସଂଘର୍ଷ କରୁଥିବା ପରିବାରର ଦୃଶ୍ୟ ଆଜିର ସଭ୍ୟ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ ।

ଏହି ଭୟାବହ ପରିସ୍ଥିତି ପାଇଁ ଦାୟୀ କିଏ ? କେବଳ ଯୁଦ୍ଧ କରୁଥିବା ଗୋଷ୍ଠୀ ବା ଦେଶ ନୁହେଁ ବରଂ ସମଗ୍ର ଆନ୍ତର୍ଜାତୀୟ ସମୁଦାୟ, ବିଶେଷକରି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ନିଜ ଦାୟିତ୍ୱରୁ ମୁହଁ ଫେରାଇ ପାରିବେ ନାହିଁ । ଅସ୍ତ୍ରଶସ୍ତ୍ରର ବ୍ୟବସାୟ, ଭୂ-ରାଜନୈତିକ ସ୍ୱାର୍ଥ ଏବଂ ନିଜର ପ୍ରଭାବ ବିସ୍ତାର କରିବାର ଲାଳସା ଏହି ସଂଘର୍ଷଗୁଡ଼ିକୁ ଇନ୍ଧନ ଯୋଗାଉଛି । ଜାତିସଂଘ ସୁରକ୍ଷା ପରିଷଦ ଭଳି ସଂସ୍ଥାଗୁଡ଼ିକ ଅନେକ ସମୟରେ ଭିଟୋ ପାୱାରର ରାଜନୀତିରେ ବାନ୍ଧି ହୋଇ ନିରବଦ୍ରଷ୍ଟା ସାଜୁଛନ୍ତି । ମାନବୀୟ ସହାୟତା ପଠାଇବା ଏକ ଅସ୍ଥାୟୀ ମଲମ ହୋଇପାରେ, କିନ୍ତୁ ଏହା ରୋଗର ସ୍ଥାୟୀ ସମାଧାନ ନୁହେଁ । ଯେପର୍ଯ୍ୟନ୍ତ ସଂଘର୍ଷର ମୂଳ କାରଣକୁ ଚିହ୍ନଟ କରି ତା'ର ସମାଧାନ ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ପ୍ରଦର୍ଶନ କରାନଯାଉଛି, ସେପର୍ଯ୍ୟନ୍ତ ଏହି ସମସ୍ୟାର ଚକ୍ର ଚାଲିଥିବ ଏବଂ ନିରୀହ ଲୋକମାନେ ତା'ର ଶିକାର ହେଉଥିବେ ।

ଏହି ସମସ୍ୟାର ସମାଧାନ କେବଳ ଅର୍ଥ ବା ଖାଦ୍ୟ ସାମଗ୍ରୀ ଦାନରେ ନାହିଁ, ବରଂ ଶାନ୍ତି ପ୍ରତିଷ୍ଠା, କୂଟନୈତିକ ଆଲୋଚନା ଏବଂ ସଂଘର୍ଷର ପୁନରାବୃତ୍ତି ରୋକିବା ପାଇଁ ଏକ ଦୀର୍ଘମିଆଦୀ ରଣନୀତିରେ ନିହିତ । ବିଶ୍ୱ ସମୁଦାୟକୁ ଏକଜୁଟ ହୋଇ ସଂଘର୍ଷପ୍ରବଣ ଅଞ୍ଚଳରେ ଶାନ୍ତି ଫେରାଇ ଆଣିବା ସହିତ ସେଠାରେ ପୁନର୍ଗଠନ ଏବଂ ବିକାଶମୂଳକ କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ପଡ଼ିବ । ଏହା କେବଳ ଦାନର ପ୍ରଶ୍ନ ନୁହେଁ, ଏହା ନ୍ୟାୟ, ମାନବିକ ଅଧିକାର ଏବଂ ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱର ପ୍ରଶ୍ନ । ଗୋଟିଏ ପଟେ ପ୍ରଗତିର ଜୟଗାନ ଏବଂ ଅନ୍ୟପଟେ କ୍ଷୁଧାର ବିକଟ ଚିତ୍କାର ମଧ୍ୟରେ ଥିବା ଏହି ବିରାଟ ବ୍ୟବଧାନକୁ ଯେତେ ଶୀଘ୍ର ଦୂର କରାଯିବ, ମାନବ ସଭ୍ୟତା ପାଇଁ ତାହା ସେତେ ମଙ୍ଗଳମୟ ହେବ ।

ବିପର୍ଯ୍ୟସ୍ତ ବଣ ଓ ହାତୀ ମଣିଷ ଲଢ଼େଇ

ବୈଷ୍ଣବ ମେହେର

ଜଙ୍ଗଲ ପାଇଁ ବନ୍ୟପ୍ରାଣୀ ଏବଂ ବନ୍ୟପ୍ରାଣୀ ପାଇଁ ଜଙ୍ଗଲ ଦିନେ ସୁରକ୍ଷିତ ଥିଲା । ବର୍ତ୍ତମାନ ବିକାଶ ନାଁରେ ପ୍ରାକୃତିକ ପରିବେଶ ନଷ୍ଟ ହେବା ଫଳରେ ପ୍ରାଣୀ ଜଗତର ଜୀବନଚକ୍ର ଅସନ୍ତୁଳିତ ହୋଇ ପଡ଼ିଛି । ସବୁଜ ଜଙ୍ଗଲକୁ ସଂପୂର୍ଣ୍ଣ ଅକ୍ତିଆର କରିବାରେ ଲାଗି ପଡ଼ିଥିବା ମଣିଷ ଏବେ ଜଙ୍ଗଲମୁହାଁ ହୋଇଛି । ଖଣି ଖାଦାନ, କଳକାରାଖାନା ଓ ନୂଆଁନୂଆଁ ପ୍ରକଳ୍ପ ସହିତ ଜନବସତି ପାଇଁ ମଣିଷ ବ୍ୟାପକ ଜଙ୍ଗଲ ଧ୍ୱଂସ କରିଚାଲିଛି । ଏହା ଦ୍ୱାରା ବନ୍ୟପ୍ରାଣୀଙ୍କ ଖାଦ୍ୟଶୃଙ୍ଖଳ ନଷ୍ଟ ହେବାରୁ ସେମାନେ ଜନବସତି ଆଡ଼କୁ ମୁହାଁଇବାକୁ ବାଧ୍ୟ ହେଉଛନ୍ତି । ଏହା ଉଭୟ ବନ୍ୟଜନ୍ତୁ ଓ ମଣିଷଙ୍କ ଜୀବ



ପୁଲକଚିତ୍ର

ଧ୍ୱନି ପ୍ରତିଧ୍ୱନି

କ୍ଷିରୀ ଖିଆ ଠାକୁର

ଦିଲ୍ଲୀପ କୁମାର ସାହୁ

ଶେଷ ହୋଇଛି ମହାପ୍ରଭୁଙ୍କ ସ୍ନାନ ଯାତ୍ରା। ଚତୁର୍ଦ୍ଧାମୂର୍ତ୍ତି ଏବେ ଅଣସର ଘରେ। ରତ୍ନ ସିଂହାସନ ଖାଲି। ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ ମନା। ତେଣୁ ପ୍ରଭୁଙ୍କ ଦର୍ଶନ ପାଇଁ ଏବେ ଶ୍ରୀକ୍ଷେତ୍ର ଠାରୁ କୋଡିଏ କିଲୋମିଟର ବ୍ରହ୍ମଗିରିର ଅଲାରନାଥଙ୍କ ପୀଠରେ ସକାଳୁ ସଞ୍ଜ ପ୍ରବଳ ଗହଳି। ରାଜ୍ୟର କୋଣ ଅନୁକୋଣ ରୁ ଶ୍ରଦ୍ଧାଳୁମାନେ ଧାଇଁ ଆସୁଛନ୍ତି ମହାପ୍ରଭୁଙ୍କ ସ୍ୱରୂପ ଅଲାରନାଥଙ୍କୁ ଦର୍ଶନ କରିବାପାଇଁ।

କିମ୍ବଦନ୍ତୀ କହେ ସେହି ପବିତ୍ର କ୍ଷେତ୍ର ରେ ପିତାମହ ବ୍ରହ୍ମା ନାରାୟଣଙ୍କୁ ତପସ୍ୟା କରୁଥିଲେ। ତେଣୁ ସ୍ଥାନର ନାମ ହୋଇଛି ବ୍ରହ୍ମଗିରି । ବ୍ରହ୍ମାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ନାରାୟଣ ପିତାମହଙ୍କୁ ଦର୍ଶନ ଦେଇଥିଲେ ଏବଂ ସେଠାରେ ତାଙ୍କର ଏକ ଚତୁର୍ଭୁଜ ମୂର୍ତ୍ତି ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିମ୍ବଦନ୍ତୀ ଅନୁସାରେ ନାରାୟଣଙ୍କର ସେହି ଚତୁର୍ଭୁଜ ମୂର୍ତ୍ତି ହେଉଛନ୍ତି ଅଲାରନାଥ।

ଆଉ ଏକ ଲୋକକଥାରୁ ଜଣାଯାଏ ଦାକ୍ଷିଣାତ୍ୟରୁ ଆସିଥିବା ଆଲବର ସମ୍ପ୍ରଦାୟର ବ୍ରାହ୍ମଣମାନେ ପ୍ରଭୁଙ୍କୁ ସ୍ଥାପନ କରିଥିଲେ । ଆଲବର ଅର୍ଥ ଭକ୍ତ । ତାଙ୍କର ନାଥ ହୋଇଥିବାରୁ ପ୍ରଭୁ ଆଲବରନାଥ ଓ ଅପଭ୍ରଂଶ ହୋଇ ଅଲାରନାଥ ଭାବରେ ଖ୍ୟାତ ହେଲେ। ପ୍ରଭୁ ଅଲାରନାଥ, ପିତାମହ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ହୁଅନ୍ତୁ ବା ଅଲବର୍‌ଙ୍କ ଦ୍ୱାରା, ତାଙ୍କର ମହିମା କିନ୍ତୁ ଅପାର। ସେଥିପାଇଁ ତ ଅଣସର ସମୟରେ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ ମିଳେନି ବୋଲି ଶ୍ରଦ୍ଧାଳୁମାନେ ଧାଇଁ ଆସନ୍ତି ଅଲାରନାଥଙ୍କ ଦର୍ଶନ ପାଇଁ, ଯେମିତି ଦିନେ ଧାଇଁ ଆସିଥିଲେ ମହାପ୍ରଭୁଙ୍କ ପରମ ଭକ୍ତ ଶ୍ରୀଚୈତନ୍ୟ ।

ଥରେ ଅଣସର ସମୟରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଦର୍ଶନ ନପାଇ ବିରହ ଜ୍ୱଳାରେ ମ୍ରିୟମାଣ ହୋଇପଡିଲେ । ସେତେବେଳେ ସ୍ୱପ୍ନାଦେଶ ପାଇ ସେ ଧାଇଁଯାଇଥିଲେ ବ୍ରହ୍ମଗିରିର ଏହି ଅଲାରନାଥଙ୍କ ପୀଠକୁ । ଭାବଭକ୍ତିରେ ବିହ୍ୱଳିତ ଶ୍ରୀଚୈତନ୍ୟ ପ୍ରଭୁଙ୍କ ସମ୍ମୁଖରେ ପଡିଥିବା ଏକ ପଥର ଉପରେ ପ୍ରଭୁଙ୍କୁ ଦଣ୍ଡବତ ପ୍ରଣାମ କରନ୍ତେ, ବିରହ ଜ୍ୱଳାରେ ତାଙ୍କ ଶରୀରରୁ ନିର୍ଗତ ଉତ୍ତାପରେ ପଥର ତରଳି ଯାଇଥିଲା ଓ ସେହି ଶିଳାଖଣ୍ଡ ଉପରେ ତାଙ୍କ ଶରୀରର ଛାପ ରହିଯାଇଥିଲା । ସେ ଶିଳାଖଣ୍ଡ ଏବେ ବି ଅଲାରନାଥଙ୍କ ମନ୍ଦିର ପରିସରରେ ପୂଜା ପାଉଛନ୍ତି।

ଶ୍ରୀଚୈତନ୍ୟଙ୍କ ଆଗମନ ଦିନଠାରୁ ଅଣସର ବା ଅନବସର ସମୟରେ ଯେତେବେଳେ ମହାପ୍ରଭୁଙ୍କ ଦର୍ଶନ ମିଳେନାହିଁ ସେତେବେଳେ ଶ୍ରଦ୍ଧାଳୁମାନେ ବ୍ରହ୍ମଗିରି ଯାଇ ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି । ତେଣୁ ସେତେବେଳେ ପନ୍ଦରଦିନଧରି ଅଲାରନାଥ ପୀଠ ଖୁବ୍ ଉତ୍ସବ ମୁଖର ହୋଇଉଠେ ।

ଅଲାରନାଥଙ୍କୁ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ କୁହାଯାଏ । କଳାମୁଗୁନି ପଥରରେ ନିର୍ମିତ ପ୍ରଭୁଙ୍କ ମୂର୍ତ୍ତି ଅତ୍ୟନ୍ତ କମନୀୟ । ଦଣ୍ଡାୟମାନ ଭଙ୍ଗୀରେ ଥିବା ଏହି ମୂର୍ତ୍ତିଙ୍କର ହସ୍ତ , ଶଙ୍ଖ, ଚକ୍ର, ଗଦା, ପଦ୍ମରେ ସୁଶୋଭିତ । ଅଲାରନାଥଙ୍କ ସହ ଏଠାରେ ଭୂଦେବୀ ଶ୍ରୀଦେବୀ ମଧ୍ୟ ପୂଜା ପାଆନ୍ତି । ପ୍ରଭୁ ଅଲାରନାଥଙ୍କ ସମ୍ମୁଖରେ ଗରୁଡ଼ଙ୍କର ପ୍ରାର୍ଥନାରତ ମୂର୍ତ୍ତି ବିଦ୍ୟମାନ ।

ପାଞ୍ଚ ଏକର ପରିମିତ କ୍ଷେତ୍ରରେ ଅବସ୍ଥାପିତ ପ୍ରଭୁ ଅଲାରନାଥଙ୍କ ସୁଦୃଶ୍ୟ ମନ୍ଦିର । ୧୧୨୮ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ଚତୁର୍ଥ ନରପତି ମଦନ ମହାଦେବଙ୍କ ସମୟରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି । ଏହି କ୍ଷେତ୍ରରେ ବାରମାସରେ ତେର ପର୍ବ ଅନୁଷ୍ଠିତ ହୁଏ । ଅନବସର ସମୟରେ କିନ୍ତୁ ଏଠାରେ ପ୍ରବଳ ଗହଳି ହୁଏ ।

ଅଲାରନାଥଙ୍କ ମନ୍ଦିର ବେଢା ମଧ୍ୟରେ ଅନେକ ଦେବାଦେବୀଙ୍କ ଛୋଟବଡ ମନ୍ଦିର ରହିଛି। ସହି ସବୁ ମନ୍ଦିର ଗୁଡିକ ମଧ୍ୟରେ କାଶି ବିଶ୍ୱନାଥ ମହାଦେବ ଓ ମାଆ ମହାଲକ୍ଷ୍ମୀଙ୍କ ମନ୍ଦିର ଅନ୍ୟତମ। ପ୍ରଭୁ ଅଲାରନାଥଙ୍କ ପ୍ରିୟ ଭୋଗ କ୍ଷିରୀ। ପ୍ରତିଦିନ ମଧ୍ୟାହ୍ନରେ ପ୍ରଭୁଙ୍କ ନିକଟରେ ଏହି କ୍ଷିରୀ ଭୋଗ ଲାଗିହୋଇଥାଏ ।ଏହି ଭୋଗ ସମ୍ପର୍କରେ ମଧ୍ୟ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଯେଉଁଥିପାଇଁ ଅଲାରନାଥଙ୍କୁ କ୍ଷିରୀ ଖିଆ ଠାକୁର କୁହାଯାଏ।

ଥରେ ପ୍ରଭୁଙ୍କର ପୂଜକ କୌଣସି କାର୍ଯ୍ୟରେ ଦୂରକୁ ଯାଇଥିଲେ। ସେ ତାଙ୍କର ନାଆଁ ବାଳକ ପୁଅକୁ କହିଥିଲେ ଖରାବେଳେ ଯାଇ ଦିଅଁଙ୍କ ପାଖରେ ଭୋଗ ଲଗାଇ ଆସିବାପାଇଁ। ପୁଅ ବାପାଙ୍କ କଥା ଅନୁସାରେ କ୍ଷିରୀ ଆଟିକା ଧରି ଗଲା। ପ୍ରଭୁଙ୍କ ସମ୍ମୁଖରେ କ୍ଷିରୀ ଆଟିକା ରଖି କହିଲା ଠାକୁରେ ବାପା ବାହାରକୁ ଯାଇଛନ୍ତି। ମୁଁ ଭୋଗ ଆଣିଛି। ଖାଇ ଦିଅ। ଏହା କହି ପିଲାଟି ସେଇଠି ବସି ରହିଲା। କିଛି ସମୟ ପରେ ସେ ଦେଖିଲା ଆଟିକା ଖାଲି। ପିଲାଟି ଯେବେ ଘରେ ପହଞ୍ଚିଲା, ଖାଲି ଆଟିକା ଦେଖି ତା ମାଆ ପଚାରିଲେ କ୍ଷିରୀ କୁଆଡେ ଗଲା ? ପିଲାଟି କହିଲା ଠାକୁର ଖାଇଦେଲେ। ମାଆର ବିଶ୍ୱାସ ହେଲାନି। ଭାବିଲା ପୁଅ ବୋଧେ ଅନ୍ୟମନସ୍କ ଥିଲା, ବିଲେଇ ଆସି କ୍ଷିରୀ ସବୁ ପିଇଦେଲା।

ତାପରଦିନ ପୁଣି ପୁଅ ହାତରେ କ୍ଷିରୀ ଆଟିକା, ଭୋଗ ପାଇଁ ପଠାଇ ତା' ପଛରେ ମାଆ ତାର ଲୁଚି ଲୁଚି ଗଲା। ପୁଅ ପୂର୍ବ ଦିନ ପରି ଅଲାରନାଥଙ୍କ ଆଗରେ କ୍ଷିରୀ ଆଟିକା ରଖିଦେଇ କହିଲା ଠାକୁରେ ଆଜିବି ବାପା ଆସି ନାହାଁନ୍ତି। ମୁଁ ଭୋଗ ଆଣିଛି । ଖାଇଦିଅ। ଅଲାରନାଥଙ୍କ ସେହି କଳା ମଚମଚ ମୂର୍ତ୍ତି ହାତ ବଢାଇ କ୍ଷିରୀ ଆଟିକା ଧରନ୍ତେ, ପଛରେ ଲୁଚିଥିବା ପୂଜକଙ୍କ ପତ୍ନୀ ଭୟରେ ଚିତ୍କାର କରି ଉଠିଲେ। ଫଳରେ ପ୍ରଭୁଙ୍କ ହାତରୁ କ୍ଷିରୀ ଆଟିକା ଗଳିପଡିଲା ଓ ଗରମ କ୍ଷିରୀର ଛିଟିକା ପ୍ରଭୁଙ୍କ ଦେହରେ ପଡି ଫୋଟକା ହୋଇଗଲା।

ସେହି ଫୋଟକାର ଚିହ୍ନ ଅଲାରନାଥଙ୍କ ମୂର୍ତ୍ତିରେ ସ୍ପଷ୍ଟ ଦେଖାଯାଏ। ଏହା ପ୍ରତିପାଦିତ କରେ ଅଲାରନାଥ ହେଉଛନ୍ତି ଜୀବନ୍ତ ଠାକୁର।

ଭକ୍ତମାନେ ପ୍ରଭୁ ଙ୍କୁ ଦର୍ଶନ କରିବା ସହିତ ତାଙ୍କର ସେହି ପ୍ରିୟ ପ୍ରସାଦ ସୁସ୍ୱାଦୁ କ୍ଷୀରି ଖାଇ ବେଶ୍ ଆହ୍ଲାଦିତ ହୋଇଥାନ୍ତି ଓ ପ୍ରଭୁଙ୍କ ଜୟଗାନ କରି ପ୍ରତ୍ୟାବର୍ତ୍ତନ କରିଥାନ୍ତି।

+ ଶଙ୍କରପୁର, ଚାରବବାଟିଆ
(ମୋ) ୭୦୭୭୨୦୬୭୭

ଆମେ ବି ହସିବା

କୀର୍ତ୍ତନ ସାହୁ

ଦେଖ ଆମ କୁନି ପୁଅ
କେଡ଼େ ଯେ ସୁନ୍ଦର
ହସ ହସି ଦିଏ
ସତେକି ଚନ୍ଦର ମୁହଁ ।

ହସରୁ ତା ମହୁ ଝରେ
ହସ ହସ ତାର
ମୁହଁ ଦେଖି ଦେଲେ
ଖେଳିଯାଏ ଖୁସି ଘରେ ।

ସଭିଙ୍କର ଆପଣାର
ତା ହସ ମୁହଁକୁ
ଯେତେ ଦେଖିଲେ ବି
ଦେଖୁ ପୁଣି ବାର ବାର ।

ହସ ତା ଅମୂଲ ମୂଲ
ଆଉ ଯେତେ ଅଛି
ଏଇ ଦୁନିଆରେ
କିଛି ନୁହେଁ ତାର ତୁଲ ।

କୁନି ପୁଅ ହସ ପରି
ଆମେବି ସଭିଏଁ
ହସକୁ ଆମରି
ମୁହଁରେ ରଖିବା ଧରି ।

+ମିଶ୍ର କଲୋନୀ
ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

ସତ୍ୟରେ ମିଳେ ଖୁସି ଓ ଖ୍ୟାତି

ରମେଶ ଚନ୍ଦ୍ର ଦାଶ

ବିଲୁଆ ସଦାବେଳେ ମିଛ କହି ସବୁ ପ୍ରାଣୀଙ୍କଠାରୁ ପ୍ରଶଂସା ପାଏ । ଏକଥାକୁ ଭାଲୁ ସଦାବେଳେ ଲକ୍ଷ୍ୟ କରୁଥାଏ । ଦିନେ ବିଲୁଆ ବାଘ ଆଗରେ କହୁଥାଏ- ମୁଁ କାଲି ଏମିତି ଗୋଟିଏ ପ୍ରାଣୀ ଦେଖିଲି ଯେ ତା' ଠାରୁ କେହି ଶକ୍ତିଶାଳୀ ନାହିଁ । ସେଇଟି କେତେବେଳେ ଆକାଶକୁ ଉଡ଼ିଯାଉଥାଏ ତ କେତେବେଳେ ମାଟି ଭିତରେ ପଶିଯାଉଥାଏ । ମୋର ଅସୁବିଧା ସମୟରେ ମୋତେ ସାହାଯ୍ୟ କରିବ ବୋଲି ସେ କହିଯାଇଛି । ହଁ, ଏକଥା ମଧ୍ୟ କହିଛି ଯେ ଯିଏ ତା' ଉପରେ ସନ୍ଦେହ କରିବ ସେ ତାକୁ ଧ୍ୱଂସ କରିଦେବ । ବାଘ ଆଁ କରି ତା କଥାକୁ ଶୁଣୁଥାଏ । କିନ୍ତୁ କିଛି କହିପାରୁନଥାଏ । କାରଣ ବିଲୁଆ ତ କହୁଛି ଯେ ତା ବିରୁଦ୍ଧରେ କିଛି କହିଲେ ଧ୍ୱଂସ ହୋଇଯିବ । କିଛି ଦୂରରେ ଗୁମ୍ଫାରେ ଥିବା ଭାଲୁ ସେଠାକୁ ଯିବାକୁ ଉଚିତ୍ ମନେକଲା ନାହିଁ । ସେ ଭାବିଲା ଯେଉଁଠି ଜଙ୍ଗଲର ରାଜା ବିଶ୍ୱାସ କରୁଛନ୍ତି, ସେଠି କିଛି କହିବା ଅର୍ଥ ମୃତ୍ୟୁକୁ ନିମନ୍ତ୍ରଣ କରିବା । ପ୍ରକୃତ ସତ ଜାଣିବା ପାଇଁ ସେ ଗୁମ୍ଫା ଭିତରେ ରହି ଡାକ ଛାଡ଼ିଲା- ହେଇଟି ମୁଁ ଆସିଗଲି । ମୋ ପାଇଁ ଖାଇବା ଯୋଗାଡ଼ କର । ନଚେତ୍ ତୁମ୍ଭମାନଙ୍କୁ ଧ୍ୱଂସ କରିଦେବି । ତାହା ଶୁଣିବା ମାତ୍ରେ ବାଘ କହିଲା- ବୋଧହୁଏ ସେ ମହାଶୟ ଆସିଗଲେଣି । ମୁଁ ଏଠାରୁ ଚାଲିଯାଉଛି । ବିଲୁଆ ତ ଠିକ୍ ତାହା ଚାହୁଁଥିଲା । ବାଘ ଚାଲିଯିବା ପରେ ବିଲୁଆ ଗୁମ୍ଫା ପାଖକୁ ଘଟଣା ପରଖିବାକୁ ଲାଗିଲା । ଯେତେବେଳେ ସେ ଭାଲୁକୁ ଦେଖିଲା ତାର ଦେହରୁ ଖାଲି ଝାଳ ବହିବାକୁ ଲାଗିଲା । ବାଘ ଡରରେ ଚାଲିଗଲେ ମଧ୍ୟ ସେ ଅଦ୍ଭୁତ ଜୀବକୁ ଦେଖିବା ପାଇଁ ତା ମନରେ କୌତୁହଳ ଥିଲା । ସେ ତେଣୁ କିଛିବାଟ ଯାଇ ଗୋଟିଏ ବଡ଼ ବୁଦାମୂଳରେ ଲୁଚିରହିଥିଲା । ବିଲୁଆ ଓ ଭାଲୁର କଥାବାର୍ତ୍ତା ସହିତ ବିଲୁଆର ଅବସ୍ଥାରୁ ସେ ସବୁ ଜାଣିଗଲା ।

ତାପରେ ସେ କୁଦାମାରି ଧାଇଁଲା ବିଲୁଆ ପାଖକୁ । ବିଲୁଆର ବେକକୁ ଧରିବାରୁ ସେ ସବୁ ସତକଥା ମାନିଗଲା । ଭାଲୁ ଓ ବାଘ ଦୁହେଁ ତାକୁ ସତର୍କ କରାଇ କହିଲେ- ମିଛ କହି କେହି କେବେ ଯଶ ଅର୍ଜିପାରେ ନାହିଁ । ତେଣୁ ସଦାବେଳେ ସତ୍ୟର ପଥକୁ ଆଦରିଲେ ଖୁସିରେ ରହିବୁ ଓ ଖ୍ୟାତି ଅର୍ଜିପାରିବୁ । ସେହିଦିନ ଠାରୁ ବିଲୁଆ ମିଛ କହିବା ଛାଡ଼ିଦେଲା ।

+ ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨

ଧେଇକି ଧିନା...

ରାମଚନ୍ଦ୍ର ବେହେରା

ଧେଇକି ଧିନା ଧେଇକି ଧିନା
ରଥେ ବିଜେ ଆମ କାଳିଆ ସୁନା
ଜନମ ବେଦୀକୁ ଯାଇ
ସାଉସୀଂକ ହାତ ପୋଡପିଠା ସ୍ୱାଦ
ଚାଖିବେ କଳା କହ୍ନେଇ ।

ସାତଦିନ ରହି ମାଉସୀ ଘରେ
ଖୁସି ମନାଇବେ ଭକ୍ତଂକ ମେଳେ
ଅପୂର୍ବ ସେହି ଦର୍ଶନ
ଆଡପ ଅବଢା ଯେ ଖାଏ ଶ୍ରଦ୍ଧାରେ
ମିଳିଥାଏ କୋଟି ପୂଣ୍ୟ ।

ଧେଇକି ଧିନା ଧେଇକି ଧିନା
ବର୍ଷା ରାସଲୀଳା କରିବେ କାହ୍ନା
ତିନିଦିନ ହେବ ଲୀଳା
ଶୁକ୍ଳ ଦଶମୀରେ ଫେରିବେ ସାଆନ୍ତ
ଚାଲିବ ବାହୁଡା ମେଳା ।

ସୁନାବେଶ ହେବ ଏକାଦଶୀରେ
ପ୍ରଭୁ ଚମକିବେ ରଥ ଉପରେ
ରସଗୋଲା ବିଧି ପରେ
ନୀଳାଦ୍ରିକୁ ବିଜେ କରିବେ ଠାକୁର
ଦିବ୍ୟ ଗୋଟି ପହଣ୍ଡିରେ ।

ଧେଇକି ଧିନା ଧେଇକି ଧିନା
ହେବ ଦିଅଁକର ପୂଜା ଅର୍ଚ୍ଚନା
ରଥ ବିଧି ହେବ ପୂର୍ଣ୍ଣ
ଆନନ୍ଦ ବଜାର ହେବ କୋଳାହଳ
ମିଳିବ ପ୍ରସାଦ ଅନ୍ନ ।

+ଡେଙ୍କୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୨୪୬

କେମିତି କହିବା ସହର ବଢ଼ିଆ

ନୀଳମଣି ଚାନ୍ଦ

ବଢିଆ ବଢିଆ ସହର ବଢ଼ିଆ
କହୁଛ ସେଠାରେ ଥାଇ
ନାଲି ଟୁକୁ ଟୁକୁ ସାଧବବୋହୂଟେ
ଦେଖେଇ ପାରିବ ଭାଇ ।

ଆଉ ପାରିବକି ଆମକୁ ଦେଖେଇ
ବାଘୁଆ କେଶୁରଟିଏ
ପାଟ ସେଠି ନାହିଁ ବର୍ଷା ହେଲେ ପାଣି
ଅସ୍ତବ୍ୟସ୍ତ କରିଦିଏ ।

ଗଛବୃଚ୍ଛ ନାହିଁ ବରଷା ଋତୁରେ
ଅଷାଢୁଆ ମିଳେନାହିଁ
ହୁଙ୍କା ନାହିଁ ବାଲିଛତୁଟି ସପନ
ବୃଥା ଖୋଜ କାହିଁ ପାଇଁ ?

ବରଷାତି ପିନ୍ଧି ଯାନବାହନରେ
ଲୋକ ଯିବା ଦେଖିଥିବ
କଦବା କେମିତି ଛତା କିଏ ଧରେ
ଯଦି ଯିବ ବୁଝିଯିବ ।

କେମିତି କହିବା ସହର ବଢ଼ିଆ
ଏସବୁ ସେଠାରେ ନାହିଁ
ସହରଠୁଁ ଢେର୍ ଭଲ ଗାଆଁଟିଏ
ସଦା ପ୍ରିୟ ମୋ'ର ପାଇଁ ।

+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

ତ୍ରିରଙ୍ଗା ପତାକା...

ମୂଳ ହିନ୍ଦୀ-ମୀରା ଜୈନ
ଅନୁବାଦ-ମନୋଜ କୁମାର ବେହେରା

ବିଦ୍ୟାଳୟରେ ଅଗଷ୍ଟ ପନ୍ଦର ଅବସରରେ ନାନା ପ୍ରକାରର ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାର ଫଳାଫଳ ଘୋଷଣା ହେଇ ସାରିବା ପରେ ବିଜେତା ପିଲାମାନଙ୍କୁ ପୁରସ୍କାର ବିତରଣ କରାଗଲା । ପୁରସ୍କାର ବିତରଣ ସମୟରେ ପିଲାମାନଙ୍କୁ ପ୍ରମାଣ ପତ୍ର ସହିତ ତାଙ୍କ ଭିତରେ ଦେଶପ୍ରେମର ଭାବନାକୁ ଆହୁରି ଅଧିକ ସଶକ୍ତ କରିବା ପାଇଁ କାଚ ଓ ମାଳି ଲଗା ଫ୍ରେମ୍‌ରେ ଅତି ଆକର୍ଷକ ସୁସଜ୍ଜିତ ହୋଇଥିବା ତ୍ରିରଙ୍ଗା ପତାକା ଦିଆଗଲା ଉପହାର ସ୍ୱରୂପ ।

ସମସ୍ତ ପୁରସ୍କାର ପ୍ରାପ୍ତ କରିଥିବା ପିଲାମାନେ ନାଚୁଥିଲେ ଖୁସିରେ । ସେମାନଙ୍କୁ ବିଜେତା ହେବାରେ ଯେତେ ଖୁସି ଲାଗୁ ନଥିଲା ତା'ଠୁ ଅଧିକ ଖୁସି ଲାଗୁଥିଲା ତ୍ରିରଙ୍ଗା ପତାକାକୁ ପାଇ। ହେଲେ ତାଙ୍କ ଭିତରେ ଏମିତି ଗୋଟିଏ ପିଲା ଯିଏ ତ୍ରିରଙ୍ଗାକୁ ପାଇବା ପରେ ଚିନ୍ତିତ ଦେଖା ଯାଉଥିଲା । ତା' ନାଁ ଥିଲା ଗୋକୁଳ । କିଛି ସମୟ ପରେ ତାକୁ ମିଳୀଥିବା ତ୍ରିରଙ୍ଗା ଥିଲା ମୁକୁଳର ହାତରେ । ଯାହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ପ୍ରଧାନ ଶିକ୍ଷକ । ସେ ଗୋକୁଳକୁ ପାଖକୁ ଡାକି ପଚାରିଲେ..

ତୁମେ ନିଜର ତ୍ରିରଙ୍ଗାକୁ କାହିଁକି ମୁକୁଳକୁ ଦେଇଦେଲ ? ତୁମକୁ କ'ଣ ଜଣାନାହିଁ, 'ଏହି ତ୍ରିରଙ୍ଗା ଆମ ଦେଶର ଗର୍ବ, ଗୌରବ ସହିତ ଏକତା,ଶାନ୍ତି ଆଉ ସମୃଦ୍ଧିର ପ୍ରତୀକ ଅଟେ ବୋଲି। ଏତେ ପିଲାଙ୍କ ଭିତରେ କେବଳ ତୁମେ ହିଁ ହେଉଛ ଏମିତି ଏକମାତ୍ର ପିଲା ଯିଏ ତ୍ରିରଙ୍ଗା ପାଲା ପରେ ଚିନ୍ତାରେ ପଡିଗଲ । ଏଇଟା ଠିକ୍ କଥା ନୁହେଁ । ସବୁ ପିଲାଙ୍କ ମନରେ ଦେଶଭକ୍ତିର ଭାବନା ଆଉ ତ୍ରିରଙ୍ଗା ପ୍ରତି ସମ୍ମାନ ରହିବା ଉଚିତ୍ ବୁଝିଲ ? ଗୋକୁଳ ଦୁଃଖୀ ହୋଇ କହିଲା, 'ଗୁରୁଜୀ ! ମୋ ମନରେ ମଧ୍ୟ ତ୍ରିରଙ୍ଗା ପ୍ରତି ବହୁତ ଶ୍ରଦ୍ଧା ଏବଂ ସମ୍ମାନ ଅଛି । ମୁଁ ମଧ୍ୟ ଜଣେ ଦେଶଭକ୍ତ । ସେଥିପାଇଁ ତ ତ୍ରିରଙ୍ଗାକୁ ମୁଁ ମୁକୁଳକୁ ଦେଇଦେଲି' । ତା' କଥା ଶୁଣି ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ ଗୁରୁଜୀ । ତା'ପରେ ସେ ତାକୁ ପଚାରିଲେ, 'ଏମିତି କେଉଁ କାରଣରୁ ତୁମେ ତୁମର ତ୍ରିରଙ୍ଗାକୁ ଦେଇଦେଲ ମୁକୁଳକୁ ?

ପ୍ରତୁତ୍ତରରେ ଗୋକୁଳ ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ କହିଲା, 'ଗୁରୁଜୀ ! ଏହି ତ୍ରିରଙ୍ଗା ବହୁତ ସୁନ୍ଦର ହେଇଛି ଆଉ କାଚ ଫ୍ରେମ୍‌ରେ ବନ୍ଧେଇ ହେଇଛି । ସେଥିପାଇଁ ମୁଁ ଚାହୁଁନି କି ଏହି ତ୍ରିରଙ୍ଗା ଭାଙ୍ଗୁ ବୋଲି । ତେଣୁ ମୁଁ ମୋର ତ୍ରିରଙ୍ଗାକୁ ମୁକୁଳକୁ ଦେଇଦେଲି । କାହିଁକିନା ମୋ ଘର ବହୁତ ଛୋଟ ଗୋଟିଏ ରୁମ୍‌ର । ସେହି ଗୋଟିଏ ରୁମ୍ ଭିତରେ ମୋ ବାପା-ମା,ମୋ ଜେଜେମା-ଜେଜେବାବା, ଆଉ ଆମେ ଦୁଇ ଭାଇ-ଭଉଣୀ ରହୁଛୁ । ଆଉ କିଛି ମାସ ପରେ ଆମର ନୂଆ ଘର ପ୍ରସ୍ତୁତ ହେଇଯିବ । ଆଉ ମୁଁ ତା'ପରେ ମୁକୁଳଠୁ ମୋ ତ୍ରିରଙ୍ଗାକୁ ନେଇ ମୋ ରୁମ୍‌ରେ ବହୁତ ଯତ୍ନରେ ସମ୍ଭାଳି କରି ରଖିବି ।

+ ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯ (ଫ୍ଲାଟ),ଭୁବନେଶ୍ୱର-୨୨
ମୋ: ୭୯୭୮୮୩୦୬୧୧

ମହୁମାଛି ଦେଲା ଶିକ୍ଷା

।। ସୁବ୍ରତ କୁମାର ଦାସ ।।

ପ୍ରତିଦିନ ପରି ମହୁମାଛିଟି ମନ ହରଷରେ ଗୁଣୁଗୁଣୁ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି ମହୁ ସଂଗ୍ରହ କରୁଥାଏ । ଜଙ୍ଗଲରେ ଘୁରି ବୋଲି ବିଭିନ୍ନ ଫୁଲ,ଫଳରୁ ମହୁ ସଂଗ୍ରହ କରି ଏକ ଝଙ୍କାଳିଆ ଆମ୍ବ ଗଛ ଅଗ ଡାଳରେ ବସାଟିଏ ବାନ୍ଧିଥାଏ। ସେହି ମହୁ ବସାରେ ସଂଚିଥିବା ମହୁଯାକ ଠୁଳ କରି ତାରି ଛୋଟ ଛୋଟ କୋଠରୀ ଭିତରେ ଖୁବ୍ ଯତ୍ନ ସହକାରେ ରଖିଥାଏ । ସବୁ ମହୁମାଛି ମାନଙ୍କ ଭିତରେ ରାଣୀ ମହୁମାଛିଟି ସମସ୍ତଙ୍କୁ ମହୁ ସଂଗ୍ରହ କରିବା ପାଇଁ ପରାମର୍ଶ ଦେଉଥାଏ । ଦିନେ ସେହି ଝଙ୍କାଳିଆ ଆମ୍ବ ଗଛ ଡାଳରେ ଆଉ ଏକ କପୋତୀଟିଏ ବସା ବାନ୍ଧିଲା। ସବୁଦିନ ଚଢ଼େଇଟି ତା ବସା ପାଇଁ କାଠି, କୁଟା, ଆଣି ବସା ବାନ୍ଧୁଥାଏ । ଦିନେ କପୋତୀଟି ଲକ୍ଷ୍ୟ କଲା ସବୁ ମହୁମାଛି ମାନେ କିପରି ଗୁଣୁଗୁଣୁ ହୋଇ ମହୁବସା ଚାରିପଟେ ଘେରି ରହିଥାନ୍ତି । ମହୁ ଗୁଡ଼ିକୁ ଖୁବ୍ ଆଦର, ଯତ୍ନ ସହକାରେ ଛୋଟ ଛୋଟ କୋଠରୀ ଭିତରେ ରଖି ତାକୁ ଜଗି ରହିଥାନ୍ତି । ଯେପରି କୌଣସି ପ୍ରାଣୀ ସହଜରେ ତାଙ୍କର ବସାକୁ କ୍ଷତି ନ ପହଞ୍ଚାଇବ, ସେଥିପାଇଁ ଗଛର ଖୁବ୍ ଅଗ୍ରଭାଗରେ ବସା ତିଆରି କରିଥାନ୍ତି । ଦିନେ କପୋତୀଟି ବସାକୁ ସଅଳ ଫେରି ଆସି ରାଣୀ ମହୁମାଛି ପାଖକୁ ଗଲା । ରାଣୀ ମହୁମାଛି କପୋତୀକୁ ଦେଖି ପଚାରିଲା, ଭଉଣୀ ଆଜି ଏତେ ସଅଳ ଫେରି ଆସିଲ ଯେ କପୋତୀଟି ଉତ୍ତର ଦେଲା, କିଛି ଦୃଷ୍ଟ ମାଙ୍କଡ ଦଳ ଆସି ଏ ଡାଳରୁ ସେ ଡାଳକୁ ଡେଉଁଛନ୍ତି । ତେଣୁ ମୋ ବସାକୁ ଭାଙ୍ଗି ଦେବେ ଭାବି ମୁଁ ସଅଳ ଫେରି ଆସିଲି । କିନ୍ତୁ ରାଣୀ.. ଗୋଟିଏ କଥା ମୋ ମନକୁ ପ୍ରଶ୍ନ ଆସୁଛି । ରାଣୀ ମହୁମାଛି ପଚାରିଲା, କହୁନା ଭଉଣୀ । କପୋତୀ ପଚାରିଲା; ଆଚ୍ଛା ରାଣୀ ମହୁମାଛି କହିଲ, ତୁମେ ଏତେ ପରିଶ୍

ଅର୍ନ୍ତଜାତୀୟ ନିଶା ନିବାରଣ ଦିବସ ପାଳିତ

ଭଦ୍ରକ, ୨୭/୦୬ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଭଦ୍ରକ ଓ ଅବକାରୀ ବିଭାଗ, ଭଦ୍ରକଙ୍କ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ନିଶା ନିବାରଣ ତଥା ଅବୈଧ ଚାଲାଣ ନିଷିଦ୍ଧ ଦିବସ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ପରିପେକ୍ଷୀରେ ଏକ ସଚେତନତା ରାଲି ସହିତ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ୍ ରାଉତରାଏ ଙ୍କ ସହିତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୁପ ଅଭିଷେକ ବେହେରା, ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସୁଚନା ଓ ଲୋକସଂପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକ, ଉଜଝଜ ର ଭଗବାନ ପରିଡ଼ା ଏବଂ ବ୍ରହ୍ମକୁମାରୀ ଭଉଣୀ ଉପସ୍ଥିତ ରହିଥିଲେ। ଉକ୍ତ ସଭାରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ବିଭିନ୍ନ ସଂସ୍ଥା ର କର୍ମକର୍ତା ଓ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ନିଶା ଦାଉ ରୁ ଯୁବ ସମାଜ କୁ କିପରି ଭାବରେ ଦୂରେଇ ରଖି ହେବ ଏବଂ ଏକ ସୁସ୍ଥ ସମାଜ ଗଠନ କରିହେବ ସେ ସମ୍ପର୍କ ରେ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ମାନେ ସେମାନଙ୍କର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସର୍ବୋଦୟ ମଣ୍ଡଳ ର ସଭାପତି ଅମର ପାଣିଗ୍ରାହୀ ଶେଷ ରେ ବକ୍ତବ୍ୟ ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଡକାୟତି ଯୋଜନା ପଣ୍ଡ: ୩ ଗିରଫ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ରାଜଧାନୀରେ ଏକ ବଡ଼ ଧରଣର ଡକାୟତି ଯୋଜନା ପଣ୍ଡ କରିଛି କମିଶନରେଟ୍ ପୋଲିସ୍। ଏସମ୍ପର୍କରେ ସୂଚନା ଦେଇ ପୋଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି ଭରତପୁର ଅଂଚଳରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ବୋଲେରୋ ଗାଡି, ୨ ଟି ବନ୍ଧୁକ, ୬ ଟି ଅଫୁଟା ଗୁଳି, ଖଣ୍ଡା, ଛୁଲାଲି, କଟୁରି ଜବତ କରାଯାଇଛି। ଏହାସହ ସୁନା ଚେନ, ୮ ହଜାର ଟଙ୍କା ସହ ୪ ମୋବାଇଲ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଙ୍କ ନାଁ ରେ ଏକାଧିକ ମାମଲା ରହିଛି ।ଭରତପୁର ଅଂଚଳର ସାଁପୁର ଏରିଆରେ ଏକ ପେଟ୍ରୋଲ ପମ୍ପରୁ ଲୁଟିବା ପାଇଁ ପ୍ଲାନ କରିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ନିଶା ନିବାରଣ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୨୭/୦୬ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗେଲପୁର, ନଳାଙ୍ଗଠାରେ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀ, ପାରାଲିଗାଲ ସେଚ୍ଛାସେବୀ ତଥା ବିଦ୍ୟାଳୟର ସମସ୍ତ କର୍ମୀମାନଙ୍କୁ ନେଇ ନିଶା ନିବାରଣ ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ପୁଣ୍ୟଶ୍ଲୋକ ରଥ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି ସଚେତନତା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଏକ ଶୋଭାଯାତ୍ରା କରାଯାଇଥିଲା ଏବଂ ତତ୍‌ପରେ ପିଲାମାନଙ୍କୁ ନେଇ ଏକ ସୁନ୍ଦର ଭିଡ଼ିଓଟିଏ ଯାହାକି ନିଶା ନିବାରଣ ନିମିତ୍ତ ପ୍ରସ୍ତୁତ କରାଯାଇଥିଲା। ସେହି ଭିଡ଼ିଓ ଦେଖାଯାଇଥିଲା ଏବଂ ତତ୍ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ସେମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡଃ ତାପସ କୁମାର ମହାନ୍ତି, ନ୍ୟାୟ ରକ୍ଷକ, ଭଦ୍ରକ, ଦୀପକ କୁମାର ସାହୁ ଏବଂ ଗିରିଜା ଶଙ୍କର ଦାସ, ପ୍ୟାନେଲ ଓକିଲ ତଥା କମିଟିର ସଦସ୍ୟ, ଏବଂ ପି.ଏଲ୍.ଭି. ଅର୍ଣ୍ଣପୂର୍ଣ୍ଣା ସାହୁ, ସସ୍ମିତା ବାରିକ, ମଧୁସ୍ମିତା ମଲିକ, ସଂଗୀତା ମିଶ୍ର ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଶିକ୍ଷକ ତ୍ରେଲୋକ୍ୟ ନାଥ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତିଥିମାନେ ନିଶା ଦ୍ରବ୍ୟକୁ ତଥା ନିଶା ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ କିପରି ସମାଜ ଦେଖେ ଏବଂ ସେମାନେ ସମାଜର କିପରି ଅହିତ ସାଧନ କରିଥାନ୍ତି ଏସବୁ ସମ୍ବନ୍ଧରେ ପିଲାମାନଙ୍କୁ ବୁଝାଇଥିଲେ।

ଅଙ୍ଗନୱାଡି କର୍ମୀଙ୍କୁ ଦୁର୍ବ୍ୟବହାର ନେଇ ସୁପର ଭାଇଜରଙ୍କ ନାମରେ ଅଭିଯୋଗ ଆଣିଲେ ଅଙ୍ଗନୱାଡ଼ି କର୍ମୀ

ବସ୍ତା, ୨୭/୦୬ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ନ ଟା କଟା ଅଙ୍ଗନୱାଡ଼ି ସେକ୍ଟର ରେ ଅଙ୍ଗନୱାଡ଼ି କେନ୍ଦ୍ର ର ଅଙ୍ଗନୱାଡ଼ି କର୍ମୀ କାର୍ଯ୍ୟରତ ସୁପର ଭାଇଜରଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ କରି ସି ଡି ପି ଓ , ଜିଲ୍ଲାପାଳ, ବାଲେଶ୍ୱର ସାଂସଦ ସମେତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୁପର ଭାଇଜର ସ୍ନେହଲତା ଦାସ ଅଙ୍ଗନୱାଡ଼ି ପରିଦର୍ଶନରେ ଯିବାବେଳେ କର୍ମୀଙ୍କ ସ୍ୱାମୀ ମାନଙ୍କ ଗାଡ଼ି ରେ ଯିବା ଆସିବା କରୁଛନ୍ତି। ଏ କ୍ଷେତ୍ରରେ ଯଦି ସହଯୋଗ ନ ମିଳେ ତେବେ ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ବନ୍ଦ କରିଦେବା ସହିତ ଚାକିରିରୁ ବାହାର କରିଦେବାର ଧମକ ଦିଅନ୍ତି। ଏମିତି କି ବିଭିନ୍ନ ସମୟରେ ବିଭିନ୍ନ କେନ୍ଦ୍ରର ଖାଦ୍ୟ ଟଙ୍କା କୁ ବନ୍ଦ କରିଦିଅନ୍ତି। ଗତ ମାର୍ଚ୍ଚ ୨୫ ତାରିଖରେ ତଥ୍ୟ ଆଧାରିତ ଆପ ରେ ପ୍ରାୟ ୨୦୦ ଜିଶୋରୀ ବାଳିକା ମାନଙ୍କ ର ଖାଦ୍ୟ ପାଇବାରୁ ବଞ୍ଚିତ କରିଥିଲେ ଏବଂ ନିଜର ଯେଉଁ କାମ କରିବା କଥା ନକରି ବିଭିନ୍ନ ଅଙ୍ଗନୱାଡ଼ି କର୍ମୀଙ୍କ ଉପରେ ନ୍ୟସ୍ତ କରନ୍ତି। ଅନ ଲାଇନ୍ କାମ ଶୀଘ୍ର କରିବା ସହ ପ୍ରତି ମିଟିଂରେ ଚାନ୍ଦା ଦେବାକୁ ବାଧ କରୁଛନ୍ତି। ଆଉ ଅବହେଳା କଲେ ଫୋନରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ବିଭିନ୍ନ ଧମକ ଦିଅନ୍ତି। ଏ ନେଇ ଅଙ୍ଗନୱାଡ଼ି କର୍ମୀ ମାନେ ବାରମ୍ବାର ସିଡ଼ିପିଓ ସହିତ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଉ ସ୍ନେହଲତା ଦାସ ଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଆସିଥିଲେ ମଧ୍ୟ ସେ ନଯାଇ ମନ ଇଚ୍ଛା କାର୍ଯ୍ୟ କରୁଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଣୀ ସିଡ଼ିପିଓ ଙ୍କୁ ପଚାରିବାରୁ ସେ ତାଙ୍କର ପ୍ରତିକ୍ରିୟା ଦେଇନଥିଲେ। ସୁପର ଭାଇଜର ଅନ୍ୟତ୍ର ବଦଳି ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଲିଲିମା ଭୂୟାଁ,ରିତା ରାଣୀ ଜେନା, ରଞ୍ଜୁଲତା ବେହେରା,କାବେରୀ ବେହେରା, ପ୍ରତିମା ଭୂୟାଁ,ଉତ୍ତରା ଦାସ, ପିପଳି ଘୋଷ,ମନୋରମା ମହାନ୍ତି, ରେବତୀ ବେହେରା ସମେତ ବହୁ ଅଙ୍ଗନୱାଡି କର୍ମୀ ମାନେ ଅଭିଯୋଗ କରିଛନ୍ତି।

ଜଣେ ସର୍ବହରା ଦୁଃଖିନୀର ମାନ୍ୟବର ବଡ଼ସାହି ବିଧାୟକ ଏବଂ ଜିଲ୍ଲାପାଳଙ୍କଠାରେ ଗୁହାରି

ବଡ଼ସାହି , ୨୭/୦୬ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୋଗିନୁଆ ଗ୍ରାମ ପଞ୍ଚାୟତର କଇଁଫୁଲିଆ ଗ୍ରାମର ସ୍ୱର୍ଗତ ନିତାଇ ମହାନ୍ତଙ୍କର ସ୍ତ୍ରୀ ଚନ୍ଦ୍ର ଆଜି ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମାନ୍ୟବର ବିଧାୟକ ଏବଂ ଜିଲ୍ଲାପାଳଙ୍କ ଠାରେ ଲିଖିତ ଭାବରେ ଜଣାଇଛନ୍ତି ଯେ ତାଙ୍କର ସ୍ୱାମୀ ନିତାଇ ମହାନ୍ତ ଗତ ତାରିଖ -୧୬. ୦୬. ୨୦୨୫ ସୋମବାର ଦିନ ବାରିପଦା ସରକାରୀ ଚିକିତ୍ସାଳୟ ରେ ମୃତ୍ୟୁ ବରଣ କରିଛନ୍ତି କ୍ଷ ଚନ୍ଦ୍ର ନିଜେ ଶତକଡା ୮୦ ଭାଗ ଶାରୀରିକ ବିକଳାଙ୍ଗ । ନିଜେ ବିଛଣାରୁ ଉଠି ପାରନ୍ତି ନାହିଁ କ୍ଷତାଙ୍କର ଏକ ମାତ୍ର ପୁଅ ଲଳିତ କୁମାର ମହାନ୍ତ ମାନସିକ ବିକଳାଙ୍ଗ ହୋଇ ଥିବାରୁ ବିଲକୁଲ ପାଠ ପଢି ନାହାନ୍ତି କ୍ଷ ଦୁଃଖ ଏବଂ ପରିତାପର ବିଷୟ ଯେ ନିଜର ଘରଡିହ ଟିଏ ମଧ୍ୟ ନାହିଁ। ସେ ସ। ମ। ର୍ଜି କ ଶୈକ୍ଷିକ ଏବଂ ଅ । ଥ ୍ କ ଅ ନ। ଗ୍ ସ ର କୁଡୁମୀ ଜାତିର ଅଟନ୍ତି । ତାଙ୍କର ସ୍ୱର୍ଗତ ସ୍ୱାମୀ ନିତାଇ ମହାନ୍ତ ପରିବାରର ଏକ ଖ ର୍ଟ ଖ୍ ଅ । ରୋଜଗାରିଆ ଥିଲେ । ସେ ଦୀର୍ଘ ଦିନ ରୋଗ ଶଯ୍ୟାରେ ପଡି ମରିଯିବା ପରେ ଚନ୍ଦ୍ର ସମ୍ପୂର୍ଣ ନିରାଶ୍ରୟା, ବେସାହାରା ହୋଇ ସମ୍ପୂର୍ଣ ଭାଙ୍ଗି ପଡିଛନ୍ତି । ଆଜି ତାଙ୍କ ସ୍ୱାମୀର ଦଶାହ କ୍ରିୟାରେ ମାନ୍ୟବର ବିଧାୟକଙ୍କୁ ଯୋଗଦେବା ପାଇଁ ଅନୁରୋଧ କରି ସମସ୍ତ ଖର୍ଚ୍ଚ ବହନ କରିବାକୁ ଅନୁରୋଧ କରିଛନ୍ତି । ତାଙ୍କୁ ଗୋଟିଏ ଘରଡ଼ିହ ଏବଂ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଭାରତୀୟ ରେଡ୍‌କ୍ରସ ସୋସାଇଟିର ଭାଇସ ପ୍ୟାଟ୍ରୋନ ସ୍ୱେଚ୍ଛାସେବୀ ଡ଼କ୍ଟର ରମାକାନ୍ତ ମହାନ୍ତ ନିଜ ତରଫରୁ ଉକ୍ତ ଦୁଃଖିନୀକୁ ଶ୍ରାଦ୍ଧ କ୍ରିୟା ପାଇଁ ଦୁଇ ହଜାର ଟଙ୍କା ସହଯୋଗ କରିଛନ୍ତି ଏବଂ ଆଗ୍ରହୀ ସହୃଦୟ ବଦାନ୍ୟ ବ୍ୟକ୍ତିମାନେ ନିମ୍ନ ଲିଖିତ ନମ୍ବର ରେ ଯୋଗାଯୋଗ କରି ଦରିଦ୍ର ନାରାୟଣର ସେବା କରିବା ପାଇଁ ସାହାଯ୍ୟ ନିମନ୍ତେ ଅନୁରୋଧ କରିଛନ୍ତି ।

ସନ୍ନିଧାନ ହତ୍ୟା ଦିବସ ପାଳିତ

ଉଦଳା , ୨୭/୦୬ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ 'ସନ୍ନିଧାନ ହତ୍ୟା ଦିବସ' ପାଳିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟରେ ଥିବା ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍ଘାଟନ କରି କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ଅମିତା ଦାସ ଆଲୋଚନାଚକ୍ରରେ ଅଧକ୍ଷତା କରି ଜରୁରୀ ପରିସ୍ଥିତି କିପରି ଏକଛତ୍ରବାଦ ଶାସନର ପଦଧ୍ୱନି ଶୁଣାଇଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଅଧାପକ ବିବେକାନନ୍ଦ ଦାସବାବୁ ୧୯୭୫ ମସିହା ଜୁନ ମାସ ୨୫ ତାରିଖରେ ସେ ସମୟର କେନ୍ଦ୍ର ସରକାର ଦେଶରେ ଜାତୀୟ ଜରୁରି ପରିସ୍ଥିତି ଘୋଷଣା କରି ଗଣମାଧମର କୋଷରୋଧ ପୂର୍ବକ ଗଣତନ୍ତ୍ର ଶାସନ ବ୍ୟବସ୍ଥା ପ୍ରତି କିପରି ଭୟଙ୍କର ବିପଦକୁ ଡ଼ାକି ଆଣିଥିଲା ଭାଷଣ ମାଧମରେ କହିଥିଲେ । ଏହାପରେ ଛାତ୍ରୀ ମାନଙ୍କ ମଧରେ ସନ୍ନିଧାନ ବିଷୟବସ୍ତୁକୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତି ହେମ୍ବ୍ରମ ପ୍ରଥମ , ସ୍ୱାତିଶିଖା ମାର୍ଣ୍ଡି ଦ୍ୱିତୀୟ ଓ ତନୁଶ୍ରୀ ସିଂ ତୃତୀୟସ୍ଥାନ ଅଧିକାର କରିଥିଲେ । ଅଧାପକ ରବିନାରାୟଣ ମହାପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଅଶ୍ୱନି ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଗ ଦେଇଥିଲେ ।

ବିଜେପି ସଦର ନିର୍ବାଚନମଣ୍ଡଳୀ ଶାଖା ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସ ପାଳିତ

ବାଲେଶ୍ୱର, ୨୭/୦୬ (ନି.ପ୍ର): ଓଡିଶାର ଯୁବ ମାନସର ପ୍ରତୀକ ଭାବେ ପରିଚିତ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସକୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ସମଗ୍ର ରାଜ୍ୟରେ ପାଳନ କରାଯାଉଛି । ଏହି କ୍ରମରେ ବାଲେଶ୍ୱର ଠାରେ ବିଜେପି ସଦର ନିର୍ବାଚନମଣ୍ଡଳୀ ଶାଖା ପକ୍ଷରୁ ସ୍ଥାନୀୟ ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଶ୍ରୀ ପ୍ରଧାନଙ୍କ ଜନ୍ମଦିବସ ପାଳନ କରାଯାଇଥିବା ଲକ୍ଷ୍ୟ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇଥିଲେ । ଏଥିରେ ଶ୍ରୀ ଦତ୍ତବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଗହଣରେ ଓଡିଆ ସଂସ୍କୃତିର ପରିଚାୟକ ପୋଡ ପିଠା କାଟି ଶ୍ରୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଜନ୍ମ ଦିବସର ଶୁଭେଚ୍ଛା ଜଣାଇଥିଲେ । ଓଡିଶାର ବିକାଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହା ସହିତ ସମଗ୍ର ଦେଶରେ କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାରଙ୍କ ବିଭିନ୍ନ ବିଭାଗର ଦାୟିତ୍ୱ ନିର୍ବାହ ସହ ରାଷ୍ଟ୍ର ସେବା ପାଇଁ ସମର୍ପିତ ଶ୍ରୀ ପ୍ରଧାନ ଆମ ସମସ୍ତଙ୍କୁ ପ୍ରେରଣା ଦେଇଚାଲିଛନ୍ତି ବୋଲି ବିଧାୟକ ଶ୍ରୀ ଦତ୍ତ କହିଥିଲେ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀ ପ୍ରଧାନଙ୍କ ସରଳ ଓ ସୁସ୍ଥ ତଥା ନିରାୟମ ଜୀବନ ପ୍ରଦାନ ସହ ରାଷ୍ଟ୍ର ସେବା ନିମିତ୍ତ ତାଙ୍କର ଚଲାପଥ କୁସୁମିତ କରିବା ନିମନ୍ତେ ପ୍ରାର୍ଥନା କରିଥିଲେ । ତାଙ୍କ ଦୀର୍ଘ ରାଜନୈତିକ ଜୀବନରେ ଓଡିଶାରେ ଅସୀମିତ ବିକାଶ କାର୍ଯ୍ୟ ସମ୍ପନ୍ନ ହେଉ ବୋଲି ବିଧାୟକ ଶ୍ରୀ ଦତ୍ତ କାମନା କରିଥିଲେ । ପରେ ବିଧାୟକ ଶ୍ରୀ ଦତ୍ତ ଓ ଦଳୀୟ କର୍ମକର୍ତ୍ତାମାନେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଉପକରଣ ସହ ସ୍କୁଲ ବ୍ୟାଗ ପ୍ରଦାନ କରିଥିଲେ । ଏହି ଅବସରରେ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଆକର୍ଷଣୀୟ ଜନ୍ମଦିବସର ସଙ୍ଗୀତ ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଚିତ୍ତରଞ୍ଜନ ପଣ୍ଡା, ସର୍ବେଶ୍ୱର ମହାନ୍ତି, ଅନନ୍ତ ନାୟକ, କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ନିତ୍ୟଗୋପାଳ ସିଂ, ସସ୍ମିତା ନାଥ, ଗୌରୀ ଦାଶ, ଭାରତୀ ପାତ୍ର, ଉପେନ୍ଦ୍ର ଶତପଥୀ, ଜୟ ପ୍ରକାଶ ଦାଶ, ମନୋହର ପେରିଓ୍ୱାଲ, ସର୍ବେଶ୍ୱର ପାତ୍ର, ବିକାଶ ପାଢୀ, ପ୍ରବୀର ଶଙ୍କର ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଧୀରଜ ମହାନ୍ତି, ସୌଭାଗ୍ୟ ମାନସ ନାୟକ, ପବନ କମିଳା, ଦୁର୍ଗା ବେହେରା, ସୌମ୍ୟ ଶଙ୍କର ଦାଶ, ବିଜୟ ପୃଷ୍ଟି, କାହ୍ନୁ ମହାଳିକ, ରାକେଶ ପାଢୀ, ପିଂଟୁ ପାଣିଗ୍ରାହୀ, ଶ୍ରୀହରି ଶୁକ୍ଲା, ମହେଶ ସିଂହ ପ୍ରମୁଖଙ୍କ ସହ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ । ରାଣୀପାଟଣା ସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଅଧକ୍ଷ ଦିବାକର ସଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

୧୯୭୫ର ଜରୁରୀକାଳୀନ ପରିସ୍ଥିତି ଓ ବର୍ତ୍ତମାନର ପରିସ୍ଥିତି ଉପରେ ସିପିଆଇ(ଏମ)ର ପଥପ୍ରାନ୍ତ ସଭା

ନୀଳଗିରି, ୨୭/୦୬ (ନି.ପ୍ର): ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଫଳରେ ଦେଶରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବହୁ ନେତା ଜେଲର ଚାରିକାନ୍ଥ ଭିତରେ ଥିଲେ। ସାଧାରଣଲୋକଙ୍କର ନୈତିକ ଅଧିକାର ରହିଲା ନାହିଁ। ସେହିପରି ବର୍ତ୍ତମାନ ସମୟରେ ଅଘୋଷିତ ଜରୁରୀ କାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ସମୟରେ ସରକାର ବିରୋଧରେ ଯିଏ କହିବ, ତାକୁ ଜେଲ ଭିତରେ ରଖାଯାଉଛି। ଦରଦାମ୍ ବୃଦ୍ଧି ପାଇଛି। ସମସ୍ତ ସରକାରୀ ସମ୍ପତ୍ତିକୁ ବିକ୍ରୀ କରାଯାଉଛି। ବେକାରୀ ସମସ୍ୟା ବୃଦ୍ଧି ପାଇଛି। ସମ୍ବିଧାନ ସୁରକ୍ଷିତ ନୁହଁ। ଇଡି, ସିବିଆଇ, ସୁପ୍ରିମକୋର୍ଟକୁ ହାତ ବାରିସ କରି ଶାସନକ୍ଷମତାକୁ ଅପବ୍ୟବହାର କରାଯାଉଛି। ଯାହାକି ୧୯୭୫ ମସିହାରେ ଜରୁରୀ କାଳୀନ ପରିସ୍ଥିତି ଠାରୁ ଭୟାନକ। କିନ୍ତୁ ବିଜେପି ସରକାର ୧୯୭୫ ମସିହାରେ ଜରୁରୀ କାଳୀନ ପରିସ୍ଥିତି ବିରୁଦ୍ଧରେ ପ୍ରଚାର କରି ନିଜର କୁକର୍ମକୁ ଢାଙ୍କୁଛନ୍ତି। ସିପିଆଇ (ଏମ) ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରୁଥିଲା। ବର୍ତ୍ତମାନର ଅଘୋଷିତ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରୁଛି। ଏହି ପରିସ୍ଥିତିରେ ସିପିଆଇ (ଏମ)ନୀଳଗିରି ଆଂଚଳିକ କମିଟି ତରଫରୁ ନୀଳଗିରି ବସଷ୍ଟାଣ୍ଡରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସତ୍

ଡେଙ୍ଗୁ ଓ ମ୍ୟାଲେରିଆ ନିୟନ୍ତ୍ରଣ ଓ ପ୍ରତିକାର ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ

ଖୋର୍ଦ୍ଧା, ୨୭/୬ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା ଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ଓ ମ୍ୟାଲେରିଆ(ଭି ବି ଡି) ରୋଗ ନିୟନ୍ତ୍ରଣ ଓ ପ୍ରତିକାର ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଅତିରିକ୍ତ ମୁଖ୍ୟ ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀମତୀ କଷ୍ଟୁରିବାଲା ଜେନା ଯୋଗ ଦେଇଥିଲେ । ବୈଠକରେ ମଶା ବଂଶ ଦମନ, ନାଳନର୍ଦ୍ଦମା ସଫେଇ, ମଶା ଧୁଆଁ ପ୍ରୟୋଗ, ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଗାଁ କଲ୍ୟାଣ ସମିତି ମାନଙ୍କ ଦ୍ୱାରା ବ୍ୟାପକ ଜନ ସଚେତନତା କରାଯିବା ଉପରେ ଜିଲ୍ଲା ପାଳ ଗୁରୁତ୍ୱାରୋପ କରିବା ସହ ଜୁଲାଇ ଅଗଷ୍ଟ ଓ ସେପ୍ଟେମ୍ବର ମାସ ମଶା ପ୍ରବଣ ହୋଇଥିବାରୁ ପ୍ରତ୍ୟେକ ଶୁକ୍ରବାର (ଡ୍ରାଏ ଡେ) ପାଳନ ନିମନ୍ତେ ପ୍ରତ୍ୟେକ ଅଧିକାରୀ ନିଜନିଜ ଅଧୀନରେ ଥିବା କାର୍ଯ୍ୟାଳୟ ଏବଂ କ୍ଷେତ୍ରରେ ସଫେଇ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ପଂଚାୟତରେ ଡେଙ୍ଗୁ/ମ୍ୟାଲେରିଆ ନମୁନା ଅଧିକ ବାହାରିଛି ସେହି ପଂଚାୟତ ଗୁଡ଼ିକର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାସହ ଜଙ୍ଗଲ ବିଭାଗ, କୃଶିବିଭାଗ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଣୁ ଯୋଜନା ପ୍ରସ୍ତୁତ କରି ସି ଡି ଏମ ଏବଂ ପି ଏଚ ଓ ଙ୍କୁ ଦେବେଷ୍ଟ୍ଲୁଲ, ହାଟ, ମନ୍ଦିର ଆଦି ସ୍ଥାନ ମାନଙ୍କରେ ଗ୍ରାମୀଣ କ୍ଷେତ୍ରରେ ଜିଲ୍ଲା ପରିଷଦ ଏବଂ ସହରାଞ୍ଚଳ କ୍ଷେତ୍ରରେ (ଡୁ ଡ଼ା) ବିଶେଷ ଯତ୍ନବାନ ହୋଇ ଡେଙ୍ଗୁ ଓ ମ୍ୟାଲେରିଆ ନିୟନ୍ତ୍ରଣ ଓ ଜିରୋ କାଜୁଆଲ୍ଟୀ (ଶୂନ୍ୟ ମୃତ୍ୟୁ)ପାଇଁ କାର୍ଯ୍ୟ କରିବେ । ଗ୍ରାମୀଣ କ୍ଷେତ୍ରରେ ଆଶା କର୍ମୀ ମାନେ ଘରକୁ ଘର ବୁଲି ସଚେତନତାକୁ ବ୍ୟାପକ କରି। ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ଲକ୍ଷଣ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ବାଡ଼ି ବଗିଚାରେ କେଉଁଠି ହେଲେବି ବର୍ଷା ଜଳ ଜମିବାର ପାତ୍ର ଯେପରି ନ ରୁହେ ସ ଦିଗରେ ବାର୍ତ୍ତା ପହଞ୍ଚାଇବେ । ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇ ତଦନୁଯାୟୀ ଚିକିତ୍ସା ନେବାକୁ ଜିଲ୍ଲାପାଳ ସମସ୍ତ ଜିଲ୍ଲା ବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଡେଙ୍ଗୁ ରୋଗ ପରୀକ୍ଷା ପାଇଁ ଜିଲ୍ଲାରେ ୪ଗୋଟି ଡେଙ୍ଗୁ ସେଣ୍ଟିନୋଲ ପରୀକ୍ଷା ଗାର ରହିଛି ଯେଉଁଠି ସଂପୂର୍ଣ୍ଣ ମାଗଣାରେ ସେବା ଉପଲବ୍ଧ । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ଡେଙ୍ଗୁ ୱାର୍ଡ ର ବ୍ୟବସ୍ଥା କରାଯାଇଛି । ତା ୨୨.୦୬.୨୦୨୫ରିଖ ସୁଦ୍ଧା ୯୮୬୦ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୭୩ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଛି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି.ବି. ଡି) ଡାକ୍ତର ଜୀବନ୍ତ କୁମାର ଅଚାର୍ଜି , ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ପରିବାର ମଙ୍ଗଳ, ଡାକ୍ତର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଭେଷଜ,ଡାକ୍ତର ଶ୍ୟାମା ପ୍ରସାଦ ମିତ୍ର, ଡି ପି ଏମ , ଜାତୀୟ ସ୍ୱାସ୍ଥ୍ୟ ମିଶନ, ଖୋର୍ଦ୍ଧା,ଶ୍ରୀ ଶୁଭକାନ୍ତ ପଶାୟତ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗିତାନସୁ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଶିକ୍ଷା, ପୌର ସଂସ୍ଥା,ମିଶନ ଶକ୍ତି, ବିଜ୍ଞାପିତ ପରିଷଦ, କୃଷି, ମତ୍ସ୍ୟ, ଜଙ୍ଗଲ ଓ ପରିବେଶ, ଶିଳ୍ପ ଆଦି ବିଭାଗର ଅଧିକାରୀ, ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଶ୍ରୀ ଅସିତ୍ କୁମାର ଦାଶ ପାୱାର ପଏଣ୍ଟ ପ୍ରଦର୍ଶନରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ଲକ୍ଷଣ ଓ ନିରାକରଣ ଉପରେ ବିସ୍ତୃତ ଉପସ୍ଥାପନ ସହ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

ପହଣ୍ଡିରେ ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି: ବଡଦାଣ୍ଡରେ ଭକ୍ତ ଭଗବାନଙ୍କ ମହାମିଳନ

ନୀଳଗିରୀ, ୨୭/୬ (ନି.ପ୍ର): ନୀଳଗିରୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପବିତ୍ର ଘୋଷଯାତ୍ରା ମହାଆଡ଼ମ୍ବର ସହକାରେ ଆରମ୍ଭ ହେବା ସହ ବଡଦାଣ୍ଡରେ ଭକ୍ତ ଭଗବାନଙ୍କ ମହାମିଳନ ପର୍ବ ଆରମ୍ଭ ହୋଇଛି। ଶ୍ରୀଗୁଣ୍ଡିଚା ଅବସରରେ ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ପ୍ରାୟ ୪ଟା ପରେ ପଣ୍ଡା ପଢ଼ିଆରୀମାନେ ପ୍ରଥମେ ଚକ୍ରରାଜ ସୁଦର୍ଶନ,ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସର୍ବଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଣସର ଚକାରୁ ଝୁଲାଇ ଝୁଲାଇ ରଥକୁ ଧାଡି ପହଣ୍ଡିରେ ବିଜେ କରାଇ ରଥରେ ବିରାଜମାନ କରିଥିଲେ। ଏହି ସମୟରେ ନାମ ସଂକୀର୍ତ୍ତନ, ଜୟଜଗନ୍ନାଥ ଧ୍ୱନି ଦେଇ ଘଣ୍ଟୁଆଙ୍କ ଘଣ୍ଟର ତାଳେତାଳେ କାହାଳି, ଛତ୍ର, ଆଲଟ, ତ୍ରାସ ସହିତ ଗୋଟିପୁଅ ନୃତ୍ୟ ତଥା ଉପସ୍ଥିତ ଜନତାଙ୍କ ହରିବୋଲ, ହୁଳହୁଳି ଶବ୍ଦରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ପରମ୍ପରା ଅନୁସାରେ ନୀଳଗିରି ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା କରିଥିଲେ। ଏହି ପହଣ୍ଡି ଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶି ମୟୂର ବିକାଶ, ପୂର୍ବାଞ୍ଚଳ ଡି.ଆଇ.ଜି. ସତ୍ୟଜିତ୍ ନାୟକ, ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ,ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଡ.ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇଆଇସି ଗୋବର୍ଦ୍ଧନ ନାୟକ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ କ୍ଷ ଶ୍ରଦ୍ଧାଳୁଙ୍କ ଭିଡକୁ ନିୟନ୍ତ୍ରଣ କରି ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଦୁଇଦିନ ଧରି ରଥଟଣା ହେବାକୁ ଥିବାବେଳେ ଆଜି ଅପରାହ୍ନ ୪ଟାରେ ପ୍ରଥମଦିବସ ରଥଟଣା କାର୍ଯ୍ୟହେବ ବୋଲି ସୂଚନା ମିଳିଛି।

ଜୁନ୍ ୩୦ରେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଗାମୀ ଜୁନ୍ ୩୦ ତାରିଖ,ସୋମବାର ଦିନ ସକାଳ ୧୦.୩୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁନ୍ ୨୭ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରାଯିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ମୋବାଇଲ ଫୋନ୍ ଦ୍ୱାରାଉଦ୍ଦିଷ୍ଟ କ୍ୟୁଆରକୋଡକୁ ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିବାର ସୁବିଧା ମଧ୍ୟ ବିଭିନ୍ନ ସଂବାଦପତ୍ରରେ ପ୍ରକାଶନ ବ୍ୟବସ୍ଥା କରାଯାଇଛି । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

ଜାଗାବାଡ଼ି ବିବାଦକୁ କେନ୍ଦ୍ର କରି ପତି ପତ୍ନୀଙ୍କୁ ମରଣାତ୍ମକ ଆକ୍ରମଣ

ଭଦ୍ରକ, ୨୭/୬ (ନି.ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ତରାଗୋ ଗ୍ରାମର ମାଧବ ସାହିରେ ଜାଗା ବାଡ଼ି ବିବାଦକୁ ନେଇ ସ୍ୱାମୀ ସ୍ତ୍ରୀଙ୍କୁ ଆକ୍ରମଣ ହୋଇଛି। ତୁଷାର ରାଉଳଙ୍କ ସ୍ତ୍ରୀ ସରସ୍ୱତୀ ରାଉଳ ବାଡ଼ିରେ ଅମୃତ ଭଣ୍ଡା ତୋଳୁ ଥିବାବେଳେ, ଶୁଭେନ୍ଦୁ ରାଉଳ ଓ ତାଙ୍କ ପତ୍ନୀ ମରଣାତ୍ମକ ଆକ୍ରମଣ କରିଛନ୍ତି। ପୂର୍ବରୁ ଜାଗାବାଡ଼ି ବିବାଦ ନେଇ ବିଭିନ୍ନ ସମୟରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଆସୁଥିଲେ। ଆଜି ଏକ ଅମୃତ ଭଣ୍ଡା ଗଛକୁ କେନ୍ଦ୍ର କରି ସରସ୍ୱତୀକୁ ମାରଣାସ୍ତ୍ରରେ ମରଣାତ୍ମକ ଆକ୍ରମଣ କରାଯାଇ ଥିବା ବେଳେ ସ୍ୱାମୀ ତୁଷାରଙ୍କୁ ମଧ୍ୟ ଗୋଟିଆ ରେ ଆକ୍ରମଣ ହୋଇଛି।

ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ ଅନୁଷ୍ଠିତ

ବାସୁଦେବପୁର, ୨୭/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ ପଂଚାୟତର ମିଶ୍ରପୁର ଗ୍ରାମରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଆୟୋଜକ ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସରପଞ୍ଚ ଭାଗିରଥୀ ବଳ ଯୋଗ ଦେଇଥିଲେ ଓ ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ। ଏହି ଉତ୍ସବରେ ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ମଞ୍ଜୁଲତା ବଳ, ଶତ୍ରୁଘ୍ନ ବଳ, ଲୁଲୁ ବଳ, ହରେକୃଷ୍ଣ ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ଠିକ୍ ସମୟରେ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇ ଥିଲା। ନୀତି କାନ୍ତି, କଳସ ଶୋଭାଯାତ୍ରା, ମନ୍ତ୍ର ପାଠ ପ୍ରଭୃତି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ। ବିଭିନ୍ନ ସ୍ଥାନରୁ ବ୍ରାହ୍ମଣ ପୁରୋହିତ ଆସିଥିଲେ ଓ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟ କୁ ସୂଚାରୁ ରୁପେ ସମ୍ପନ୍ନ କରିଥିଲେ। ମନ୍ଦିରର ପରିବେଶ ଖୁବ୍ ସୁନ୍ଦର ଓ ଖୁବ୍ ଆକର୍ଷଣୀୟ ସାଜସଜା ରେ ଝଲସୁ ଥିଲା । ବିଶିଷ୍ଟ ସମାଜସେବୀ ଭାଗୀରଥି ବଳ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ମନ୍ଦିରରେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା ପୂଜା ପାଉଛନ୍ତି। ହଜାର ହଜାର ସଂଖ୍ୟାରେ ଭକ୍ତ ମାନେ ଯୋଗ ଦେଇଥିଲେ।

କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଜରୁରୀକାଳୀନ ପରିସ୍ଥିତି କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଜଳେଶ୍ୱର ବିଜେପିର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୨୭/୬ (ନି.ପ୍ର): ଭାରତୀୟ ଜନତା ପାର୍ଟି ଜଳେଶ୍ୱର ଶାଖା ପକ୍ଷରୁ ଆଜି ଅପରାହ୍ନ ୪ଘଟିକା ସମୟରେ ଜଳେଶ୍ୱର ଥାନା ଅଧୀନରେ ଥିବା ଏନ୍ ଏଚ୍ ୬୦ ମଞ୍ଜୁପ୍ଲାଜା ପରିସରରେ କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଜରୁରୀ କାଳୀନ ପରିସ୍ଥିତି କଳା ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତି ଅବସରରେ ବିଜେପି ନେତା ଫାଲଗୁନି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।୧୯୭୫ ଜୁନ୍ ୨୫ ମଧ୍ୟରାତ୍ରିରେ ତତ୍କାଳୀନ ପ୍ରଧାନମନ୍ତ୍ର ନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଆଭ୍ୟନ୍ତରୀଣ ଅଶାନ୍ତି' ବାହାନାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ। ନିଷ୍ପତ୍ତି କୌଣସି ଯୁଦ୍ଧ କିମ୍ବା ବିଦ୍ରୋହ ଯୋଗୁଁ ନୁହେଁ,ବରଂ କ୍ଷମତା ବଞ୍ଚାଇବା ଏବଂ ତାଙ୍କ ନିର୍ବାଚନକୁ ବାତିଲ କରିବା ପାଇଁ ହତାଶ ହୋଇ ନିଆଯାଇଥିଲା। କଂଗ୍ରେସ ପାର୍ଟି ଏହି କଳା ଅଧ୍ୟାୟରେ କେବଳ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ଦଳି ଦେଇଥୁଲା ତାନୁହେଁ ବରଂ ଗଣମାଧ୍ୟମର ସ୍ୱାଧୀନତା,ନ୍ୟାୟପାଳିକାର ନିରପେକ୍ଷତା ଏବଂ ଏବଂ ନାଗରିକଙ୍କ ମୌଳିକ ଅଧିକାରକୁ ମଧ୍ୟ ଚୂର୍ଣ୍ଣ କରିଦେଇଥିଲା,ଏହା ସ୍ପଷ୍ଟ କରିଥିଲା ଯେ ଯେତେବେଳେ ସେମାନଙ୍କର କ୍ଷମତା ବିପଦରେ ପଡ଼ିଥାଏ ସେମାନେ ସମ୍ବିଧାନ ଏବଂ ଦେଶର ଆତ୍ମାକୁ ବାଜି ଲଗାଇବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ।ଆଜି ୫୦ ବର୍ଷ ପରେ ମଧ୍ୟ କଂଗ୍ରେସ ସେହି ମାନସିକତା ସହିତ କାମ କରୁଛି, କେବଳ ପଦ୍ଧତି ବଦଳିଛି, ଉଦ୍ଦେଶ୍ୟ ଏବେ ବି ପୂର୍ବଭଳି ଏକଚ୍ଛତ୍ରବାଦୀ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଉତ୍ତର ବାଲେଶ୍ୱର ଜିଲ୍ଲାର ବିଜେପି ସାଙ୍ଗଠନିକ ସଭାପତି ଡକ୍ଟର ପ୍ରଦୀପ କୁମାର ପଣ୍ଡା,ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ,ନଗର ସଭାପତି ଶିବ ନାରାୟଣ ମହାପାତ୍ର,୧୪ ନମ୍ବର ଜୋନ ସଭାପତି ଅନିଲ କୁମାର ସାହୁ, ୧୬ ନମ୍ବର ଜୋନ ସଭାପତି ରଜତ ଦାସ, ୧୦ ନମ୍ବର ଜୋନ ସଭାପତି ବିଜୟ ସାମଲ, ୭ ନମ୍ବର ଜୋନ ସଭାପତି ସଞ୍ଜୀବ ଜେନା, ୮ ନମ୍ବର ଜୋନ ସଭାପତି ଅନୁପ ପ୍ରଧାନ,୯ ନମ୍ବର ଜୋନ ସଭାପତି ସଞ୍ଜୀବ ସେନାପତି,୬ ନମ୍ବର ଜୋନ ସଭାପତି ଚନ୍ଦନ ଦାସ, ଲକ୍ଷ୍ମଣନାଥ ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ବିଜେପି ଯୁବ ନେତା ରାଜେଶ ଖଟୁଆ, କାଳିଚରଣ ଦାସ,ତାପସ ପାଣିଗ୍ରାହୀ, ସେକ ହସିରୁଦ୍ଦିନ ବକ୍ସ, ଅଞ୍ଜନ କୁମାର ଦାସ, କୃଷ୍ଣଚନ୍ଦ୍ର ଦତ୍ତ,ନାରୀନେତ୍ରୀ ମାଳତି ଦତ୍ତ, ମୁକ୍ତାରାଣୀ ପାଳ,ନମିତା ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ବିଇଡି ନାମଲେଖା...

ବିଭାଗ ପକ୍ଷରୁ କୁହାଯାଇଛି । ଏଥିସହ ଅଗ୍ରଣୀ ଖବରକାଗଜରେ ଏନେଇ ସୂଚନା ଦିଆଯିବ ବୋଲି କୁହାଯାଇଛି । ବିଇଡି ,ଏମଏଡ, ବିଏଚଇଡି ୨୦୨୫-୨୬ ଶିକ୍ଷାବର୍ଷରୁ ଆଡ଼ମିଶନ ପାଇଁ ଗତ ଜୁନ ୧ ତାରିଖରେ ପ୍ରବେଶିକା ପରୀକ୍ଷା ହୋଇଥିଲା । ରାଜ୍ୟର ୩୧ ଶିକ୍ଷାନୁଷ୍ଠାନରେ ୨୭୫୦ ସିଟ ପାଇଁ ୧ ଲକ୍ଷ ୨୯ ହଜାର ଛାତ୍ରଛାତ୍ରୀ ଆବେଦନ କରିଥିଲେ।

ଭକ୍ତି ଓ ଭାବରେ...

ଅନ୍ୟପକ୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣାରେ ବିଳମ୍ବ ଓ ମାତ୍ର ଖୋଜଟିଏ ଟଣା ହେବାକୁ ନେଇ କ୍ଷୋଭ ବ୍ୟକ୍ତ କରିଛନ୍ତି ପୂର୍ବତନ ଆଇନ ମନ୍ତ୍ରୀ ଅରୁଣ ସାହୁ । ସେ କହିଛନ୍ତି ଯେ " ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କ କାର୍ଯ୍ୟରେ ଅସନ୍ତୋଷ ଥିବାର ପ୍ରମାଣ ଦେଇଛନ୍ତି । ସରକାର ଓ ପ୍ରଶାସନ ଏତେ ଖାମଖିଆଲି କିଭଳି ହେଉଛି । ମହାପ୍ରଭୁଙ୍କ ରଥଯାତ୍ରା ସହ କୋଟିକୋଟି ଲୋକ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ଜଡ଼ିତ । ସେମାନଙ୍କର ଏଭଳି ଖାମଖିଆଲି ଯୋଗୁ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଗଡ଼ି ପାରିଲା ନାହିଁ । ଏହା ନିଶ୍ଚିତ ଭାବେ ଶ୍ରଦ୍ଧାଳୁଙ୍କୁ ଆଘାତ ଦେଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ସିଧାସଳଖ ଦାୟୀ । ରଥଯାତ୍ରା ପାଇଁ ପୁରୀରେ ରାଜ୍ୟ ଆଇନମନ୍ତ୍ରୀ ତ ଉପସ୍ଥିତ ଅଛନ୍ତି, ବିଳମ୍ବକୁ ନେଇ ଯେଉଁ ସମସ୍ୟା ହୋଇଥିଲା ତା'ର ସମାଧାନ କାହିଁକି ତୁରନ୍ତ କଲେନି କିଏ ମନା କରିଥିଲା ? ସେଭଳି ନକରି କର୍ତ୍ତନ ଭିତରେ ଅଧିକ ଶ୍ରଦ୍ଧାଳୁ ପଶିଯିବା କଥା କହୁଛନ୍ତି । ଆକଳନଠୁ ଦେଢ଼ଗୁଣ ଭକ୍ତ ପୁରୀକୁ ଆସିଲେ ବୋଲି କହୁଛନ୍ତି । ଏହା ତ ସିଧାସଳଖ ସେମାନଙ୍କର ବିଫଳତା ଓ ଭିଡ଼ ନିୟନ୍ତ୍ରଣରେ ପୁଲିସର ବିଫଳତାକୁ ପ୍ରମାଣିତ କରାଉଛି । ତା'ଛଡ଼ା ରଥରେ ଯଦି କିଛି ସମସ୍ୟା ଥିବ ହୁଏତ ରଥ ଟଣା ଯାଇନଥିବ । ଏଥିପାଇଁ ତ ରଥ ସହ ଜଡ଼ିତ ସମସ୍ତେ ଦାୟୀ ରହିବେ । ତେଣୁ ସେମାନେ ମହାପ୍ରଭୁଙ୍କୁ ନେଇ ଯେଭଳି ରାଜନୀତି ଓ ଗର୍ବଅହଙ୍କାର କରୁଛନ୍ତି ତା'ର ଫଳ ଶ୍ରୀଜଗନ୍ନାଥ ଦେଇଛନ୍ତି । ଭିଡ଼ ନିୟନ୍ତ୍ରଣ କାହିଁକି ହୋଇପାରିଲା ନାହ

ଶନିବାର, ଜୁନ୍ ୨୮, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ନରସିଂହପୁର ଉ.ପ୍ରା ବିଦ୍ୟାଳୟରେ ଯୋଗ ଦିବସ

ବାସୁଦେବପୁର, ୨୭/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ଓ ଯୋଗ ଦିବସରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତିଲତା ପଣ୍ଡା । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଉପଶ୍ରମ ନିଯୁକ୍ତି ଅଧିକାରୀ ମନୋରଞ୍ଜନ ନାୟକ । ସ୍କୁଲ୍ ପରିଚାଳନା କମିଟି ସଭାପତି ଅଜୟ କୁମାର ପଣ୍ଡା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମିନତୀ ପଣ୍ଡା, ଆରତି ଧର, ଆରତୀ ଲତା ନାୟକ, ସସ୍ମିତା ବାରିକ, ଭାନୁମତୀ ଶଙ୍ଖୁଆ, ଦୟାନିଧି ପଲେଇ, ରମାକାନ୍ତ ସେଣ୍ଡ, ଶ୍ରୀଧର ବାରିକ ପ୍ରମୁଖ ଏହି ଯୋଗ ଦିବସରେ ଯୋଗ ଦେଇଥିଲେ । ସୁସ୍ଥ ନିରାମୟ ଜୀବନ ଯାପନ ପାଇଁ ଯୋଗ ହିଁ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ଅତିଥି ବନ୍ଧୁ ମତ ପ୍ରକାଶ କରିଥିଲେ । ସମସ୍ତେ ଏହି ଦିବସରେ ଯୋଗ କରିଥିଲେ ଓ ଯୋଗ ଶିକ୍ଷାର ତାତ୍ପର୍ଯ୍ୟ କୁ ଉପଲବ୍ଧି କରିଥିଲେ ।

ଦୁର୍ଘଟଣାଗ୍ରସ୍ତ ବୃଦ୍ଧଙ୍କୁ ମେଡିକାଲ ଆଣି ମାନବିକତା ଦେଖାଇଲେ ବସ୍ତା ଏସଡିପିଓ

ବସ୍ତା, ୨୭/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଚୋର ପଦା ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ବୃଦ୍ଧଙ୍କୁ ମେଡିକାଲ ଆଣି ନିଜର ମାନବିକତା ଦେଖାଇଲେ ଏସଡିପିଓ ମାନସ କୁମାର ଦେଓ । ସୂଚନା ଅନୁସାରେ ଆଜି ଦିନ ଦଶଟା ସମୟରେ ଚୋର ପଦା ଗ୍ରାମର ଅଶି ବର୍ଷ ର ବୃଦ୍ଧ ଦେବେନ୍ଦ୍ର ଦାସ ନିଜର ସାଇକେଲ ରେ ଆମରଦା ବଜାର ଯାଇ ଘରକୁ ଫେରୁଥିବା ସମୟରେ ରାଜପଥ ଉପରେ ପଛପଟୁ ଏକ ବାଇକ୍ ଧକ୍କା ଦେଇଥିଲା । ତେବେ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବାକୁ ପ୍ରସ୍ତୁତି ସମୟ ରେ , ଉକ୍ତ ରାସ୍ତା ରେ ଯାଉଥିବା ବସ୍ତା ଏସଡିପିଓ ମାନସ କୁମାର ଦେଓ ଗାଡ଼ି ଅଟକ କରି ଘଟଣା ବିଷୟ ରେ ବୁଝିଥିଲେ ଏବଂ ସଙ୍ଗେ ସଙ୍ଗେ ଦୁର୍ଘଟଣା ଗ୍ରସ୍ତ ବୃଦ୍ଧ ଙ୍କୁ ନିଜର ଥାନା ଗାଡ଼ି ରେ ମେଡିକାଲ ଆଣି ଆଡ଼ମିଶନ କରିଥିଲେ । ଏବଂ ଦୁର୍ଘଟଣା ବିଷୟ ରେ ଆମରଦା ଫାଣ୍ଡିକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ରାଜପଥ ଉପରେ ତାଙ୍କର ଏଭଳି କାର୍ଯ୍ୟ କୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି ।

ଛତିଶଗଡ଼ରେ ୧୦ ଲକ୍ଷ ପୁରସ୍କାର ଘୋଷଣା ଥିବା ୬ ଜଣ ନକ୍ସଲଙ୍କ ଆତ୍ମସମର୍ପଣ

ନାରାୟଣପୁର, ୨୭/୬ (ନି.ପ୍ର): ନାରାୟଣପୁର ପୋଲିସ ଦ୍ୱାରା ଆଇଟିବିପି, ବିଏସଏଫ, ଏସଟିଏଫ ର ମିଳିତ ବାହିନୀ ସହିତ ଚାଲିଥିବା ନକ୍ସଲ ବିରୋଧି ଅପରେସନରେ ସବୁଠାରୁ ସମ୍ବେଦନଶୀଳ ଅଂଚଳରେ ନିରନ୍ତର ଶିବିର ସ୍ଥାପନ ଯୋଗୁଁ ପୋଲିସ ଉପରେ ଚାପ ବୃଦ୍ଧି ପାଇଛି । ଫଳସ୍ୱରୂପ, ଶୁକ୍ରବାର ଦିନ ୧୦ ଲକ୍ଷ ଟଙ୍କାର ପୁରସ୍କାର ବହନ କରିଥିବା ୬ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସମସ୍ତ ନକ୍ସଲଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଚେକ୍ ଦିଆଯାଇଛି । ଏହି ଅବସରରେ ୧୩୫ ବାଟାଲିୟନ ସୀମା ସୁରକ୍ଷା ବାହିନୀର କମାଣ୍ଡାଂଟ ନାଭାଲ ସିଂହ, ୫୩ ବାଟାଲିୟନ ଆଇଟିବିପିର କମାଣ୍ଡାଂଟ ସଂଜୟ କୁମାର, ଅତିରିକ୍ତ ପୋଲିସ ଅଧିକ୍ଷକ (ନକ୍ସଲ ଅପରେସନ) ରବିନସନ ଗୁଡ଼ିଆ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ ମାଡ଼ ଡିଭିଜନ ଏବଂ ଆମଦେଇ ଏରିଆ କମିଟିରେ ସକ୍ରିୟ ଥିବା ଚାରିଜଣ ମହିଳା ଏବଂ ଦୁଇଜଣ ପୁରୁଷଙ୍କ ସମେତ ମୋଟ ଛଅଜଣ ନକ୍ସଲ ଅନ୍ତର୍ଭୁକ୍ତ । ଆତ୍ମସମର୍ପଣ ପରେ ସମସ୍ତ ନକ୍ସଲବାଦୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲ । ନକ୍ସଲ ନିରାକରଣ ନୀତି ଅନୁଯାୟୀ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ।

ଖଇରା ବ୍ଲକରେ ଶାନ୍ତି ଶୃଙ୍ଖଳାରେ ସରିଲା ଘୋଷଯାତ୍ରା

ଖଇରା, ୨୭/୬ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକ ର ପୁରପଲ୍ଲୀରେ ଘୋଷ ଯାତ୍ରା ହଜାରହଜାର ଶ୍ରଦ୍ଧାଳୁଙ୍କ ଗହଣରେ ପାଳିତ ହୋଇ ଯାଇଛି । ପ୍ରସିଦ୍ଧ ଗଣ୍ଡିବେଡ ଜଗନ୍ନାଥ ମନ୍ଦିର ରୁ ୩ଦିଅଁ ନିର୍ଦ୍ଧାରିତ ସମୟରେ ପହଣ୍ଡିରେ ରଥାରୁଢ ହେବା ପରେ ଦାମୋଦର ବେହେରାଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା । ମନ୍ଦିର ପ୍ରତିଷ୍ଠାତା ସ୍ୱର୍ଗତ ଦିବାକର ରାଉଳଙ୍କ ପୁତ୍ର ସନ୍ତୋଷ ରାଉଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଦେବ ବେହେରା, ବିଜୁ ବେହେରା, ଗୋବିନ୍ଦ ବେହେରା, ମଧୁ ମହାନ୍ତି ଓ କୁନି ମହାନ୍ତିଙ୍କ ସହଯୋଗରେ ରଥଟଣା କାର୍ଯ୍ୟ ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଥିଲା । ସେହିଭଳି ନୟାଖଣ୍ଡି ଦଧିବାମନ ଜୀଉ ମନ୍ଦିରର ନିକଟରୁ ରଥକୁ ଭକ୍ତ ମାନେ ଟାଣି ଟାଣି ଆଳଦା ମାଉସୀ ମା ମନ୍ଦିରକୁ ନେଇଥିଲେ । ମନ୍ଦିର ପୂଜକ ବିରଞ୍ଚି ନାରାୟଣ ପଣ୍ଡା,ଅକ୍ଷୟ ଦାଶଙ୍କ ଦ୍ୱାରା ଠାକୁରଙ୍କ ନିତିକ୍ରାନ୍ତି କରାଯାଇଥିବା ବେଳେ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ,ଭଗବାନ ଦାସ ପ୍ରମୁଖଙ୍କ ସହଯୋଗରେ ରଥଟଣା କାର୍ଯ୍ୟ ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଥିଲା । ସେହିଭଳି ବିଦ୍ୟାଧରପୁର ଶାସନରେ ପୁଜକ ରମାକାନ୍ତ ଶତପଥି, ଉଦୟ ଶତପଥି, ଦ୍ୱାରିକାନାଥ ଶତପଥି ,ଚିନ୍ମୟ ଶତପଥି, ଚନ୍ଦନ ଶତପଥିଙ୍କ ଦ୍ୱାରା ପହଣ୍ଡି ପରେ ଗ୍ରାମବାସୀ ଓ ଖଇରା ବଜାରବାସୀ ଙ୍କ ସହଯୋଗରେ ରଥ ସନ୍ଧ୍ୟାରେ ଦୁର୍ଗାମଣ୍ଡପସ୍ଥିତ ମାଉସୀମା ମନ୍ଦିରରେ ପହଞ୍ଚିଥିଲା । ଏହାଛଡା କଣ୍ଟାପଡା ଶାସନ, ଗୋପାଳବେଡା, ବାରାପୁର, ରାଇକୁଳା, ଖାଡିଗୋଛି, ଅଲିପୁର, କୁପାରୀ, ପଳସା, ନଛିପୁର ଇତ୍ୟାଦି ଗ୍ରାମର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାରମ୍ପରିକ ରିତିନିତିରେ ଶେଷ ହୋଇଛି ।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ' ଉଦ୍‌ଘାଟିତ

ବାଲେଶ୍ୱର, ୨୭/୬ (ନି.ପ୍ର): ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ ହେବାକୁ ଥିବା ନବଦିବସୀୟ 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ' ଆଜି ସନ୍ଧ୍ୟାରେ ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପାଳିକାର ପ୍ରାକ୍ତନ ଅଧକ୍ଷ ଆଲୋକ ସାହୁ ଓ ବରିଷ୍ଠ ସମାଜସେବୀ ବସନ୍ତଲତା ପଟ୍ଟନାୟକ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ କୋଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏହିଭଳି ଅଭିନବ କାର୍ଯ୍ୟକ୍ରମର ଆୟୋଜନକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଭାସ୍କର୍ଯ୍ୟଶିଳ୍ପୀ ସଂଜୟ କୁମାର ରାଉଳଙ୍କଦ୍ୱାରା ନିର୍ମିତ ବ୍ୟାସକବି ଫକୀର ମୋହନଙ୍କ ପ୍ରତିମୂର୍ତ୍ତି ଅତିଥିମାନଙ୍କଦ୍ୱାରା ଅନାବରଣ କରାଯାଇଥିଲା । ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ କହିଲେ ଯେ ନଅଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ବିଷୟବସ୍ତୁ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କଲ୍ୟାଣୀ ନନ୍ଦ, ପୁଷ୍ପଲତା ଚକ୍ରବର୍ତ୍ତୀ ଓ ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର ଜଗନ୍ନାଥ ଭଜନ ପରିବେଷଣ କରିଥିଲେ । ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ମହାପାତ୍ର, ଡ. ରମାକାନ୍ତ ନାୟକ, ଡ. ହେମମାଳା ଦାଶ, ନିବାରଣ ଜେନା, ତପନ ରାୟ, ଦୀପକ ବୋଷ, କରୁଣାକର ସ, ମନ୍ମଥ କୁମାର ସାହୁ, ସଂଜୟ ପଣ୍ଡା, ଗୀତାଞ୍ଜଳି ଶତପଥୀ, ପ୍ରଭାକର ସାହୁ, ହେମେନ୍ଦ୍ର ମହାପାତ୍ର, ରମାକାନ୍ତ ମହାନ୍ତି, ଦୀପକ ଦାସ ପ୍ରମୁଖ ବହୁ ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ ।

ପୋଲତଳକୁ ଖସିପଡିଲା ସିମେଂଟ ବୋଝେଇ ଟ୍ରକ୍

ଭଦ୍ରକ, ୨୭/୬ (ନି.ପ୍ର): ଆଜି ୧୬ନଂ ଜାତୀୟ ରାଜପଥର ଚରମ୍ପା ନିକଟରେ ଏକ ସିମେଂଟ ବୋଝେଇ ଟ୍ରକ୍ ପୋଲ ତଳକୁ ଖସିପଡିଛି । ସୂଚନା ଅନୁଯାୟୀ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ସିମେଂଟ ବୋଝେଇ ଟ୍ରକ୍‌ର ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ରାତି ୩.୧୫ ସମୟରେ ୧୬ନଂ ଜାତୀୟ ରାଜପଥର ଚରମ୍ପା ନିକଟରେ ଏକ ପୋଲ ତଳକୁ ଖସିପଡିଛି । ଯାହାଫଳରେ ଟ୍ରକ୍‌ରେ ଥିବା ସିମେଂଟ ଗୁଡିକ ପ୍ରାୟ ନଷ୍ଟହୋଇଯାଇଥିଲା ।

ଡାଇରିଆ ଅକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି: ବିଶୋଧନ କଲେ ସମାଜସେବୀ

ଭଦ୍ରକ, ୨୭/୬ (ନି.ପ୍ର): ଭଦ୍ରକ ଜିଲା ବନ୍ତ ବ୍ଲକ ସନ୍ନିକଟ ମୌଦା ଗ୍ରାମରେ ଡାଇରିଆ ଆକ୍ରାନ୍ତ ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଏହି ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ବେଳେ ମୌଦା ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ସ୍ତମ୍ଭକାର ସୁବୋଧ କୁମାର ସାହୁ ନିଜସ୍ୱ ଉଦ୍ୟମରେ ଡାଇରିଆ ପ୍ରବଣ ଗ୍ରାମରେ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରିଥିବା ଦେଖାଯାଇଛି । ସଜା ପଂଚାୟତ ମୌଦା ହରିଜନ ସାହିର ୫୦ ରୁ ଉର୍ଦ୍ଧ୍ୱ ଲୋକ ବନ୍ତ ବ୍ଲକର ଅଡାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ,ଭଦ୍ରକ ମୁଖ୍ୟ ଚିକିତ୍ସାଳୟ,ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦିରେ ଚିକିତ୍ସିତ ହେଉଛନ୍ତି ।

ଇଣ୍ଡିଆନ ଅଏଲ୍ ପାରାଦୀପ ରିଫାଇନରୀରେ ରଥଯାତ୍ରା ପାଳିତ

ପାରାଦୀପ, ୨୭/୬ (ନି.ପ୍ର): ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀ ଟାଉନସିପରେ ମହାପ୍ରଭୁଙ୍କ ରଥଯାତ୍ରା ପାଳନ କରାଯାଇଛି । ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ମା'ଙ୍କ ବାର୍ଷିକ ଆଗମନକୁ ଭକ୍ତମାନେ ଉତ୍ସାହ ଓ ଆନନ୍ଦ ସହିତ ପାଳନ କରିଥିଲେ । ବାତାବରଣଟି ଭଜନ, ପାରମ୍ପରିକ ବାଦ୍ୟ ଯନ୍ତ୍ର ଏବଂ ସୁଗନ୍ଧିତ ଫୁଲର ସାଜସଜ୍ଜାରେ ପରିପୂର୍ଣ୍ଣ ହୋଇ ଆଧ୍ୟାତ୍ମିକତା ଏବଂ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା । ଉତ୍ସବଟି ଅତ୍ୟନ୍ତ ଯତ୍ନର ସହିତ ଆୟୋଜିତ କରାଯାଇଥିଲା । ଏହି ପବିତ୍ର ରଥଯାତ୍ରା ପାରାଦୀପ ରିଫାଇନରୀର ମନ୍ଦିରରୁ ଆରମ୍ଭ ହୋଇଥିଲା, ଯାହାକି ରାସ୍ତାରେ ହଜାର ହଜାର ଲୋକଙ୍କୁ ଏକତ୍ରିତ କରିଥିଲା । ଏକ ପାରମ୍ପାରିକ ମାର୍ଗ ଅନୁସରଣ କରି ସମସ୍ତ ଭକ୍ତମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦିବ୍ୟ ଦର୍ଶନ ସହିତ ଆଶୀର୍ବାଦ ପ୍ରାପ୍ତ କରିଥିଲେ ।

ବେତନଟୀରେ ରଥଯାତ୍ରା: ୬ ହଜାର ପାଖାପାଖି ଶ୍ରଦ୍ଧାଳୁଙ୍କର ସମାଗମ

ବେତନଟୀ,୨୭/୬ (ନି.ପ୍ର) : ବେତନଟୀ ଜଗନ୍ନାଥ ମନ୍ଦିର ପକ୍ଷରୁ ଚଳିତବର୍ଷ ଆନୁଷ୍ଠାନିକ ଭାବେ ପ୍ରଥମଥର ରଥଯାତ୍ରାର ଆୟୋଜନ କରାଯାଇଥିବା ବେଳେ ଏଥିରେ ୬ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା ପଣ୍ଡିତ ପର୍ଶୁରାମ ମିଶ୍ରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆଜି ସକାଳେ ଅବକାଶ, ମଙ୍ଗଳଆଳତୀ, ସୂର୍ଯ୍ୟପୂଜା, ମଇଲମ, ସକାଳଧୂପ ସମେତ ସମସ୍ତ ନୀତିକାନ୍ତି ଯଥାବିଧି ସମ୍ପାଦନ କରାଯାଇଥିଲା । ଦରଫୁଟ କେଚୁଡି ଖାଇ ଚତୁର୍ଦ୍ଧାମୂର୍ତ୍ତି ଧାଡି ପହଣ୍ଡିରେ ରଥକୁ ବିଜେ କରିଥିଲେ । ରଥାରୂଢ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା ପରେ ଅପରାହ୍ନରେ ରାଜା ଲାଲସାହେବ ଅମିତଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା । ଏହାପରେ ଅପରାହ୍ନ ୪ଟା ପାଖାପାଖିରେ ରଥଟଣା ଆରମ୍ଭ କରାଯାଇଥିଲା । ରଥଟଣାରେ ୬ ହଜାର ପାଖାପାଖି ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା । ଏହି ଅବସରରେ ମାନ୍ୟବର ବିଧାୟକ ସନାତନ ବିଜୁଳି ଯୋଗଦେଇ ରଥାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ସହିତ ଆର୍ଶୀବାଦ ଭିକ୍ଷା କରିଥିଲେ । ପୁଲିସ ପ୍ରଶାସନ, ଅଗ୍ନିଶମ ଉପସ୍ଥିତ ରହି ଶୃଙ୍ଖଳାର ସହିତ ରଥଟଣା ଠାରୁ ଆରମ୍ଭ କରି ଭିଡ ନିୟନ୍ତ୍ରଣ ସମେତ ପରିଚାଳନାରେ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ । ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଉପସ୍ଥିତ ରହି ପ୍ରତ୍ୟକ୍ଷ ଭାବରେ ପରିଚାଳନା ପ୍ରକ୍ରିୟାର ନୀରିକ୍ଷଣ କରିଥିଲେ । ଧାର୍ଯ୍ୟ କାର୍ଯ୍ୟସୂଚୀ ମୁତାବକ ରଥଟଣା ଠାରୁ ଆରମ୍ଭ କରି ରଥାରୁଢ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ନେଇ ଜନ୍ମବେଦିରେ ପହଞ୍ଚାଇଥିଲେ । ତେବେ ବେତନଟୀ ଜଗନ୍ନାଥ ମନ୍ଦିର ପକ୍ଷରୁ ପ୍ରଥମକରି ଆନୁଷ୍ଠାନିକ ଭାବେ ରଥଯାତ୍ରାର ଆୟୋଜନ କରାଯାଇଥିବା ବେଳେ ହଜାରହଜାର ଭକ୍ତଙ୍କ ଜନସମୁଦ୍ର ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ସେହିପରି ବେତନଟୀ ରଥଯାତ୍ରା କମିଟି ପକ୍ଷରୁ ଅପରାହ୍ନ ରେ ବେତନଟୀ ହନୁମାନ ମନ୍ଦିର ରୁ ବାହାରି ଲକ୍ଷ୍ମୀନାରାୟଣ ମନ୍ଦିର ମାଉସୀ ବାଡ଼ିରେ ପହଞ୍ଚିଥିଲା । ଏଥିରେ ଶତାଧିକ ସ୍ରଧାଳୁ ଦେଖିବା ପାଇଁ ମିଳିଥିଲା ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ ିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida